
ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

ଅକ୍ଟୋବର ୩୧ - ନଭେମ୍ବର ୧୩, ୨୦୧୮

**ପ୍ରଦକ୍ଷିଣ** : ଡ. ମଣୀନ୍ଦ୍ର କୁମାର ମେହେର
**ପ୍ରଥମ ବହି** : ପ୍ରତାପ ବିଶ୍ୱାଳ
**ପହିଲି ପୁଲକ** : ସିପୁନୁ ଜେନା
**ସ୍ମରଣୀୟ** : ତରୁଣ କୁମାର ସାହୁ







# ପାପ

‘ସାହିତ୍ୟାୟନ’ ଫେବୃୟାରୀ ୨୦ରୁ ମାର୍ଚ୍ଚ ୪, ୨୦୧୬ ପହିଲି ପୁଲକରେ ସମ୍ପାଦକ ମୋ’ ଉପରେ ଟିପ୍ପଣୀ ଦେବାକୁ ଯାଇ ଲେଖିଥିଲେ– ‘‘ପ୍ରତାପ ବିଶ୍ୱାଳ ଆମ ସମୟର ଏମିତି ଜଣେ କଥାଶିଳ୍ପୀ, ଯିଏ ନିଜର ଢୋଲ ନିଜେ ପିଟନ୍ତି ନାହିଁ।’’ସତରେ ୧୯୭୨ରୁ ୧୯୮୮ ମସିହାଯାଏ ମୁଁ



ପ୍ରତାପ ବିଶ୍ୱାଳ

ପ୍ରଥମେ କବିତାରୁ ଲେଖା ଆରମ୍ଭ କରି ଦୁଇଥର ପୁରସ୍କୃତ ହୋଇଥିଲି। ୧୯୮୮ରୁ ଗଳ୍ପ ଲେଖା ଆରମ୍ଭ କଲି ଏବଂ ସେ ସମୟରେ ମୋର ଗଳ୍ପ

**ପ୍ରତାପ ବିଶ୍ୱାଳଙ୍କ ଜନ୍ମ ୧୮ ଜୁନ୍ ୧୯୫୮ରେ, ଜଗତ୍‌ସିଂହପୁର ଜିଲାର ରାହାଡିଙ୍ଗା ଗାଁରେ। ପ୍ରକାଶିତ ଗଳ୍ପଗ୍ରନ୍ଥ: ‘ପାପ’, ‘ପରଂତୁ ପ୍ରିୟତମା’ ଓ ‘ପ୍ରଜାପତିର ଡେଣା’। ଦୀର୍ଘ ଚାରି ଦଶନ୍ଧି ଧରି ଲେଖି ଆସୁଥିବା ଏଇ ଲେଖକଙ୍କ ଗଳ୍ପରେ ରୂପ ଘେନେ ମଣିଷ ଜୀବନର ନାନାବିଧ ରୂପ। କେବଳ ଘଟଣା ବା ଚରିତ୍ର ନୁହେଁ, ମଣିଷର ଗଭୀର ମନସ୍ତତ୍ତ୍ୱକୁ ସେ ଓଟାରିଆଣି ଥୋଇଦେଇପାରନ୍ତି ପାଠକଙ୍କ ସାମ୍ନାରେ। ଜୀବନ-ମୃତ୍ୟୁର ରହସ୍ୟ ଭିତରେ ପାପପୁଣ୍ୟକୁ ବୁଝିବା ଓ ବୁଝାଇବାର ଯେଉଁ ଜଟିଳ ଜ୍ୟାମିତି ସେ ଆଙ୍କନ୍ତି ତାଙ୍କ ଗଳ୍ପଗୁଡ଼ିକରେ, ତାହା ପାଲଟିଯାଏ ଆମ ସମୟଖଣ୍ଡର ନିଛକ ମନସ୍ତାତ୍ତ୍ୱିକ ଇତିହାସ...**


ଓଡ଼ିଶାର ଅଧିକାଂଶ ଦୈନିକ ଖବରକାଗଜର ରବିବାର ପୃଷ୍ଠା ତଥା କଟକ ଆକାଶବାଣୀରେ ପ୍ରକାଶିତ ଓ ପ୍ରଚାରିତ ହୋଇ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଥିଲା। ସେ ସମୟରେ ପାଠକପାଠିକାଙ୍କ ଅନୁରୋଧ ରକ୍ଷା କରି ବହିଟିଏ ଛାପିବି ବୋଲି ଚିନ୍ତା କଲାବେଳେ ଦେହ ଅସୁସ୍ଥ ଏବଂ କାମର ଚାପ ଯୋଗୁ ମୁଁ ପ୍ରାୟ ୧୫ ବର୍ଷ କିଛି ଲେଖାଲେଖି କରି ପାରି ନ ଥିଲି। ୨୦୧୪ରେ ହଠାତ୍ ଦିନେ ପୁସ୍ତକ ମେଳାରେ ଟାଇମ୍ ପାସ୍‌ର ପ୍ରକାଶକ ସରୋଜ ବଳଙ୍କ ସହ ଦେଖା। ମୁଁ ତାଙ୍କୁ ବହିଟିଏ ପ୍ରକାଶ କରିବା କଥା କହିବା ଶୁଣି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ମୋର ଏ ପର୍ଯ୍ୟନ୍ତ କୌଣସି ବହି ପ୍ରକାଶ ପାଇ ନ ଥିବା ଜାଣି। ସେ ସଙ୍ଗେସଙ୍ଗେ ପାଣ୍ଡୁଲିପି ତିଆରି କରିବାକୁ କହିଥିଲେ ଏବଂ ତାଙ୍କୁ ପାଣ୍ଡୁଲିପି ଦେବାର ପ୍ରାୟ ଚାରି ମାସ ଭିତରେ ମୋର ପ୍ରଥମ ବହି ‘ପାପ’ ପ୍ରକାଶ ପାଇଲା।




‘ପାପ’ ମୋର ପ୍ରଥମ ବହି ହେଲେ ବି ଆନୁଷ୍ଠାନିକ ଭାବେ କାହା ଦ୍ୱାରା ଉନ୍ମୋଚିତ ହୋଇ ନ ଥିଲା କି ମୁଁ ଏପର୍ଯ୍ୟନ୍ତ ଗଳ୍ପ ପାଇଁ କୌଣସି ପୁରସ୍କାର ପାଇ ନାହିଁ। କେବଳ ପାଠକୀୟ ଶ୍ରଦ୍ଧା, ଭଲ ପାଇବାକୁ ପାଥେୟ କରି ଲେଖିଚାଲିଛି। ‘ପାପ’ ପାଠକପାଠିକାଙ୍କ ମନକୁ ଛୁଇଁଛି। ଅନେକ ଟେଲିଫୋନ୍ ଓ ଚିଠି ପାଇଛି। ଏଇଆକୁ ଭାବିନେଇଛି ପୁରସ୍କାର।

‘ପାପ’ ମୋ’ ହାତକୁ ଆସିଥିଲା ୨୦୧୫ ରଜସଂକ୍ରାନ୍ତି ଦିନ। ଛାତିରେ ଚାପି ଧରିଥିଲି ତାକୁ। ଆଖିରୁ ଗଡ଼ି ଆସିଥିଲା ଦୁଇଟୋପା ଲୁହ। ଏବେବି ମୋର ସେ କଥା ମନେ ପଡ଼ିଗଲେ ମୁଁ ଆନମନା ହେଇଯାଏ। ସେ ଦିନର ସେ ଲୁହ ଥିଲା ଖୁସିର ନା ଏତେଦିନ ଧରି ଲେଖିବା ସତ୍ତ୍ୱେ ଏଯାବତ୍ ବହିଟିଏ ପ୍ରକାଶ ପାଇପାରି ନ ଥିବା ଦୁଃଖର। ଇତିମଧ୍ୟରେ ମୋର ଆହୁରି ୨ଟି ବହି ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି। କିନ୍ତୁ ପ୍ରଥମ ବହିଟିକୁ ହାତରେ ଧରିଲେ କେମିତି ଗୋଟାଏ ଅଲଗା ଅଲଗା ଲାଗେ, ଯେମିତି କିଛି ଅମୂଲ୍ୟ ରତ୍ନ ମୁଁ ଧରିଛି।




# ଅତର୍କିତ ପରିସମାପ୍ତି ଗଳ୍ପର ମର୍ଯ୍ୟାଦା ବଢ଼ାଏ...

ମହାଶୟ,

⁎ ‘ସାହିତ୍ୟାୟନ’ ୧୯।୦୯।୨୦୧୮ ପାକ୍ଷିକରେ ସ୍ଥାନ ପାଇଥିବା ଜିତେନ୍ଦ୍ର କୁମାର ନାୟକଙ୍କ ‘ବିନ୍‌ତାଙ୍ଗ୍ ଗଳି ଓ ମସାଜ୍’ ଗଳ୍ପଟି ଆଧୁନିକ ଜୀବନଶୈଳୀର ଏକ ନିଛକ ପ୍ରତିଲିପି; ଆଚାର୍ଯ୍ୟ ରଜନୀଶ୍‌ଙ୍କ ଯୌନ ବିଚାରକୁ ସ୍ଥାନ ଦେବା ସହ ଉପସଂହାରରେ ଗାଳ୍ପିକ ଭାରତୀୟ ସଂସ୍କୃତିକୁ ଭୁଲି ଯାଇନାହାନ୍ତି। ‘ସ୍ମରଣୀୟ’ ପୃଷ୍ଠାରେ ମହାଶ୍ୱେତା ସାହୁଙ୍କ ଫଟୋଚିତ୍ର ସହ ‘ଆଉଥରେ ଘିନୁଆ’ ଓଡ଼ିଆ ସାହିତ୍ୟର ଆଦ୍ୟ ମାର୍କସୀୟ ଗଳ୍ପର ଅନୁକରଣରେ ରଚିତ। ଭଗବତୀ ଚରଣ ସିନା ଗୋବିନ୍ଦ ସର୍ଦ୍ଦାର ଚରିତ୍ର ନେଇଥିଲେ, ଲେଖିକା ସରପଞ୍ଚର ପୁଅ ସୁକୁଟାକୁ ନେଇଛନ୍ତି; ଯେ କି ନଟ ମଲ୍ଲିକର ସାନଝିଅ ବନିତାକୁ ଅତି ନୃଶଂସ ଭାବେ ପାଟରେ ନେଇ ହତ୍ୟା କରିଥିଲା। ଲଘୁଗଳ୍ପ ‘ମାଷ୍ଟ୍ରେଙ୍କ ଝିଅ’ ବିନୋଦିନୀ ମିଶ୍ରଙ୍କ ଲେଖନୀରୁ ଅତି ଚମତ୍କାର ଭାବେ ଉତ୍ତୁରିଛି। ‘‘ମାଷ୍ଟ୍ରେଙ୍କ ଝିଅ ହେଲେ କ’ଣ ହେଲା ଟା’ ବୋଉ ସବୁ ବିଧିବିଧାନ ଜାଣନ୍ତି କହି ଶାଶୁ ପୂଜା ପାଖକୁ ଗଲେ।’’ ଉଦ୍ଧୃତିଟି ଭଲ ହୋଇଛି। ଅତର୍କିତ ପରିସମାପ୍ତି ଗଳ୍ପର ମର୍ଯ୍ୟାଦା ବଢ଼ାଇଦିଏ। କବିତା ପୃଷ୍ଠାରୁ ‘ଈଶ୍ୱର: ଅନ୍ୟମନସ୍କ’ ପାଠକଲେ ସଚ୍ଚି ରାଉତରାୟଙ୍କ ‘ପାଣ୍ଡୁଲିପି’ ପଢ଼ିଲା ପରି ବୋଧହୁଏ। ମାଟି, ସାପ ଓ କବି କ୍ଷୁଦ୍ର ଶିରୋନାମରେ ବୃହତ୍ ଚିନ୍ତାଧାରାର ଆଭାସ ମିଳେ। ଯଶୋଧାରା ମିଶ୍ରଙ୍କ ‘ଆଶ୍ଚର୍ଯ୍ୟ ହେବା ସରେ ନାହିଁ’ ମଧ୍ୟ ଅନନ୍ୟ। ‘ପ୍ରଥମ ବହି’ ସ୍ତମ୍ଭରୁ ଅଭୟ କୁମାର ଶତପଥୀଙ୍କ ‘ଫୁଲଝୁଡ଼ି’ର ଉପସ୍ଥାପନା ବେଶ୍ ଭଲ। ‘ଭାରତ-ଭାରତୀ’ରେ ଭି.ଏସ୍. ନଇପଲଙ୍କ ସାହିତ୍ୟରେ ନୋବେଲ୍ ପୁରସ୍କାର ଏବଂ ଆତ୍ମକଥା ସମ୍ପର୍କରେ ଡ. ହୃଷୀକେଶ ମଲ୍ଲିକଙ୍କ ପ୍ରସ୍ତୁତ ଆଲେଖ୍ୟ ଖୁବ୍ ସୁନ୍ଦର।

**– ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ**

⁎ ତା.୦୩-୧୬ ଅକ୍ଟୋବର, ୨୦୧୮ରିଖ ଧରିତ୍ରୀ ‘ସାହିତ୍ୟାୟନ’ରେ ପ୍ରକାଶିତ ଡ. ନାରାୟଣ ପଣ୍ଡାଙ୍କ ‘ପହିଲି ପୁଲକ’ କଥନିକା ଭାରି ଭଲ ଲାଗିଲା। ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ‘ଶାସ୍ତ୍ରୀୟତା ଓ ଓଡ଼ିଆ ଭାଷା...’ ଓଡ଼ିଆ ଭାଷାପ୍ରେମୀ ଓ ଗବେଷକମାନଙ୍କ ନିମନ୍ତେ ଅବଶ୍ୟ ସଂଗ୍ରହଣୀୟ। ବରିଷ୍ଠ ଲେଖକ ଯଦୁନାଥ ଦାଶ ମହାପାତ୍ରଙ୍କ ଚର୍ଚ୍ଚିତ ଗଳ୍ପ ‘ସୂର୍ଯ୍ୟତାପରେ ଜଳୁଥିବା କୁନ୍ତୀ’ ଓ କବିତା ‘ମଣିଷଖୋଜା’ ପାଠ କରି ଦିବଂଗତ ସାରସ୍ୱତ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଏହିପରି ସ୍ୱର୍ଗତ ଅନନ୍ତ ପ୍ରସାଦ ପଣ୍ଡା, ସ୍ୱର୍ଗତ ବୈକୁଣ୍ଠନାଥ ପଟ୍ଟନାୟକ, ସ୍ୱର୍ଗତ କାହ୍ନୁ ଚରଣ ମହାନ୍ତି, ପଦ୍ମଶ୍ରୀ ପ୍ରତିଭା ରାୟ ଓ କଥା ସମ୍ରାଟ୍ ମନୋଜ ଦାସଙ୍କ ଗଳ୍ପ, କବିତା ‘ସାହିତ୍ୟାୟନ’ରେ ଦିଅନ୍ତୁ। ‘ପ୍ରଜାପତିର ଡେଣା’ ଓ ‘ସଡ଼କରେ ଚାଷୀ’ ଭଲ ଲାଗିଲା। ଆମ ସମୟର ସତୀର୍ଥ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣିଙ୍କର ‘ପହିଲି ପୁଲକ’ ଲେଖା ମାର୍ମିକ। ‘ସାହିତ୍ୟାୟନ’ ଶରୀର ଶୀର୍ଣ୍ଣ, ମାତ୍ର ସୃଷ୍ଟିରେ ଏହା ଉତ୍ତୀର୍ଣ୍ଣ।

**– ଶ୍ରୀ ରାମଚନ୍ଦ୍ର ଦାଶ(ମଳୟ), ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

⁎ ‘‘ହକର ଭାଇଙ୍କଠାରୁ ମାଗି ନିଅନ୍ତୁ ସାହିତ୍ୟାୟନ’’ ପଢ଼ିଲି। କିନ୍ତୁ ସାହିତ୍ୟାୟନ ନ ଥିଲା। ପରଦିନ ଗେଟ୍ ପାଖରେ ପ୍ରତୀକ୍ଷା। ହକର ଭାଇ କହିଲେ– ‘ସାଇକେଲ ଉପରୁ ଆପଣଙ୍କ କ୍ୱାର୍ଟରକୁ ଫିଙ୍ଗି ଦେଇଥିଲି।’ ପଲିଥିନ୍ ବନ୍ଦ ହେଲାଣି ତ କେଉଁ ଗାଈ ବୋଧେ ଜଳଖିଆ କରିଦେଇଥିବ। ମୋର ଅପ୍ରତିଭଭାବ ବୋଧେ ହକରକୁ ଆହତ କଲା। ଯାହା ହେଉ ମୋର ‘ହକ୍’ ଆଉ ଖଣ୍ଡେ ସାହିତ୍ୟାୟନ ପରଦିନ ଡାକିକି ଦେଲା। ପ୍ରଚ୍ଛଦରେ ପୁଷି ଓ କୁକୁଡ଼ାଚିଆଁର ଗୁଗୁପାଞ୍ଚି, ପାରା ଦୁହିଁଙ୍କର ଜିମ୍‌ନାଷ୍ଟିକ୍ ଓ ଫୁଲ ଭଅଁରର ଚୁପିଚୁପି କଥା ମନ ହରିନେଲା। ଅନ୍ତର୍ଯ୍ୟାମୀ ବାବୁ ଓଡ଼ିଆ ଭାଷାର ଅନ୍ତରର କଥା ଲେଖିଛନ୍ତି– ତାଳପତର ପୋଥିରୁ ଆରମ୍ଭ କରି ନଥି ପର୍ଯ୍ୟନ୍ତ। ‘ସୂର୍ଯ୍ୟତାପରେ ଜଳୁଥିବା କୁନ୍ତୀ’ର କଥା ଯଦୁନାଥ ବାବୁ ସୁନ୍ଦର ଭାବରେ ଚିତ୍ରିତ କରିଛନ୍ତି। ‘ଭଲ ମଣିଷ ଖୋଜା ଚାଲିଛି’ ବୋଲି ଏକ ନାଟକ ଦେଖିଥିଲି, କିନ୍ତୁ କବିତାରୁ ଜାଣିଲି ‘ପ୍ରତ୍ୟେକ ମଣିଷ ଆଜି ବଂଶଧର ଜାରା ଶବରର’। ହେଲେ ଅଶାନ୍ତ ଦ୍ରୌପଦୀ ପ୍ରଶାନ୍ତ ହେବ କେବେ ? କବିତା ପୃଷ୍ଠାରେ ‘ଶବ୍ଦ ଖୋଜିଖୋଜି ରାଜେଶ ବାବୁଙ୍କ କଲମ ମୁନକୁ କସ୍ତୁରୀ ମୃଗ ଧାଇଁ ଆସିଛନ୍ତି।’ ସୁଧୀର ବାବୁ ‘ଆମ ଗାଁ’ ବୁଲେଇ ନେଇଛନ୍ତି। ‘ସଡ଼କରେ ଚାଷୀ’ ଭିତରେ ଭରତ ବାବୁ ଅଟକି ଯାଇଛନ୍ତି। ‘ପହିଲି ପୁଲକ’ର ନିର୍ଭୟ ବାବୁ ବଡ଼ ଚାକିରି କରିଥିଲେ ଦିନେ ଅବସର ନେଇଥାଆନ୍ତେ, କିନ୍ତୁ ସତସତିଆ କଲମ ଚାଷ କରି ଯେମିତି ସ୍ୱାଭିମାନରେ ବଞ୍ଚିଛନ୍ତି– ସେମିତି କଦାପି ହୋଇ ନ ଥାନ୍ତା ବୋଲି ଆଶା।

**– ସୁସ୍ମିତା ପୁରୋହିତ, ସୀମାରାଣୀ ପୁରୋହିତ, ସଦେଇପାଲି, ବୁର୍ଲା, ସମ୍ବଲପୁର**

⁎ ‘ସାହିତ୍ୟାୟନ’ରେ ପରଲୋକଗତ ପ୍ରାଚୀନ ଏବଂ ଆଧୁନିକ କବିମାନଙ୍କର କିଛିକିଛି କବିତା ପ୍ରକାଶ କଲେ ‘ସାହିତ୍ୟାୟନ’ର ଗୌରବ ବୃଦ୍ଧି ହୁଅନ୍ତା। ମୁଁ ଏକଥା ବହୁ ଆଗରୁ ଲେଖିବାର ଥିଲା। ଲେଖିପାରି ନ ଥିଲି। ଆଜି ଲେଖିକରି ପଠାଉଛି। ଆଶା ଓ ବିଶ୍ୱାସ ମୋ’ ଅନୁରୋଧକୁ ଉପେକ୍ଷା ନ କରି ନିଶ୍ଚିତ ଭାବରେ କାର୍ଯ୍ୟକାରୀ କରିବେ। ଦେଖିବେ ବିଦଗ୍ଧ ପାଠକମାନେ ଏହି ଉଦ୍ୟମର ଭୂରିଭୂରି ପ୍ରଶଂସା କରିବେ।

**– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ**

**ଆମଉତ୍ତର:** ପରଲୋକଗତ କବିମାନଙ୍କର ବିଶେଷ କବିତାମାନ ‘ସାହିତ୍ୟାୟନ’ରେ ପ୍ରକାଶ ପାଏ। ‘ସ୍ମରଣୀୟ’ରେ ମଧ୍ୟ ଦିବଂଗତ କଥା ଶିଳ୍ପୀମାନଙ୍କର ଅଭୁଲା ଗପ ସ୍ଥାନ ପାଏ। ଆପଣ ନିୟମିତ ‘ସାହିତ୍ୟାୟନ’ ପାଠ କଲେ ଏ ବିଷୟରେ ଅବଗତ ହେବେ। ଆପଣଙ୍କ ପରାମର୍ଶ ପାଇଁ ଧନ୍ୟବାଦ।

**– ସାହିତ୍ୟାୟନ**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ପ୍ରଦୀପ ସେ ପ୍ରାର୍ଥନାର


ପ୍ରତିଜ୍ଞା ଦେବୀ ଆତ୍ମପ୍ରଚାରରୁ ଦୂରବର୍ତ୍ତିନୀ ଏପରି ଜଣେ ଲେଖିକା, ଅନୁବାଦିକା ଓ ଆଧ୍ୟାତ୍ମିକ-ସାଧିକା; ଯାହାଙ୍କର ସମଗ୍ର ଜୀବନ ଥିଲା ପ୍ରାର୍ଥନାର ଏକ ଜ୍ୱଳମାନ ପ୍ରଦୀପ। ସଂସାର ଜାଣିଥିବା ତାଙ୍କର ପରିଚୟ ଯଦିଓ ଥିଲା ସରସ୍ୱତୀ-ବିଜେତା ପଦ୍ମଶ୍ରୀ ମନୋଜ ଦାସଙ୍କ ଧର୍ମପତ୍ନୀ, କିନ୍ତୁ ଏହି ପରିଚୟର ଅନ୍ତରାଳରେ ସେ ଥିଲେ ସ୍ୱ ମହିମାରେ ଦୀପ୍ତା ଏକାନ୍ତ ଏକ ତପସ୍ୱିନୀ। ଜନ୍ମଭୂମି ଓଡ଼ିଶାର କୁଜଙ୍ଗ, କର୍ମଭୂମି ପୁଦୁଚେରୀର ଶ୍ରୀଅରବିନ୍ଦ ଆଶ୍ରମ। ରେଭେନ୍ସାରୁ ମନୋବିଜ୍ଞାନରେ ସ୍ନାତକୋତ୍ତର ପ୍ରତିଜ୍ଞା ଆଶ୍ରମରେ ପ୍ରବେଶ କାଳରୁ ଶିକ୍ଷାଦାନ ପ୍ରତି ନିବେଦିତା। ପିତା ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତ ଓ ମାତା ରତ୍ନମାଳୀ ଜେମାଙ୍କଠୁ ପାଇଥିବା ସଂସ୍କାର ତାଙ୍କୁ ତମାମ ଆୟୁଷ୍କାଳ ଦିବ୍ୟ ଜୀବନର ଉତ୍ତରଣ ପଥରେ ଗତିଶୀଳା କରାଇଥିଲା। ସେ ଥିଲେ 'ସତ୍ୟଶ୍ରୀ' ପତ୍ରିକାର ସମର୍ପିତ ସମ୍ପାଦିକା, ମହାଯୋଗୀ ଶ୍ରୀଅରବିନ୍ଦଙ୍କ ବହୁ ରଚନାର ସଫଳ ଅନୁବାଦିକା। 'ଗଳ୍ପ ଅନନ୍ୟ', 'ଚିହ୍ନା ଅଚିହ୍ନା' ପ୍ରଭୃତି ଗଳ୍ପଗ୍ରନ୍ଥରେ ତାଙ୍କ ଅହମିକାଶୂନ୍ୟ ଗଳ୍ପକାରିତା ପାଠିକାପାଠକଙ୍କ ମନ ଜିଣେ। ଗାଳ୍ପିକା ହେବାର ମସୁଧା ନେଇ ଗଳ୍ପ ରଚନାରେ ହାତ ଦେଇ ନ ଥିବା ପ୍ରତିଜ୍ଞା ଦେବୀଙ୍କର ଏକ ସରଳତମ ଗପ ଏଠି ପତ୍ରସ୍ଥ, ଶୀର୍ଷକ 'କ୍ଷୀରକୋଳି'। ଗଳ୍ପଟିରେ ନାହିଁ ନିଜକୁ ମହିମ୍ନ କଥାକାର ଭାବେ ଗଢ଼ି ତୋଳିବାର ବଡ଼ିମା। ପଢ଼ି ବସିଲେ ମନେପଡ଼େ ପଛରେ ରହିଯାଇଥିବା ପିଲାଦିନ ଓ ହଜି ଯାଉଥିବା ମଣିଷପଣ। ଗତ ଅକ୍ଟୋବର ୩ ତାରିଖରେ ପରଲୋକଗତା ପ୍ରତିଜ୍ଞା ଦେବୀ...


ପ୍ରତିଜ୍ଞା ଦେବୀ

ପ୍ରତିଜ୍ଞା ଦେବୀଙ୍କ ତପସ୍ୟାମଗ୍ନ ଜୀବନ ସମ୍ପର୍କରେ ଓଡ଼ିଶାର ଖୁବ୍ କମ୍ ପାଠିକାପାଠକ ଜାଣିବାର ସୁଯୋଗ ପାଇଛନ୍ତି। ତା'ର କାରଣ ହେଉଛି ସେ ସର୍ବଦା ନିଜକୁ ଅନ୍ତରାଳରେ ରଖି ତାଙ୍କ ଜୀବନର ମହାନ୍ ଉଦ୍ଦେଶ୍ୟକୁ ସଫଳ କରିବାରେ ନିରତ ଥା'ନ୍ତି ପ୍ରାର୍ଥନାରତ। ରାଜ ପରିବାରରେ ଜନ୍ମ ଓ କଟକର କୁଜଙ୍ଗ କୁଟୀରରେ ତାଙ୍କର ଜୀବନ ଅତିବାହିତ। ଅନ୍ତରଙ୍ଗ ଛାତ୍ରୀ ଓ ପରିଚାରିକାଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାନ୍ନିଧ୍ୟରେ। ଦିବ୍ୟ ଜୀବନର ସାଧକ ଶ୍ରୀଅରବିନ୍ଦ ଓ ତାଙ୍କ ସାଧନା-ସାଥୀ 'ଶ୍ରୀମା'ଙ୍କ ଚେତନା ଏକ ସୂକ୍ଷ୍ମ ଆଲୋକ ରେଖା ହୋଇ କିପରି ତାଙ୍କ ଅନ୍ତରାତ୍ମାରେ ପ୍ରବେଶ କରିଥିଲା, ସେ ରହସ୍ୟ ଉନ୍ମୋଚନ କରିବା କଷ୍ଟସାଧ୍ୟ। ଏକମାତ୍ର ପୁତ୍ରର ବିଚ୍ଛେଦ ଦୁଃଖକୁ 'ଶ୍ରୀମା' ହିଁ ଯେପରି ଗ୍ରହଣ କରିନେଇଥିଲେ ଅଦୃଶ୍ୟ ଭାବରେ।

୧୯୬୩ ମସିହାରେ ମନୋଜ ଦାସଙ୍କ ସହ ଯେତେବେଳେ ସେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମକୁ ଯାଇଥିଲେ, ସେତେବେଳେ ତାଙ୍କ ନାମର ସାର୍ଥକତା ପ୍ରତିପାଦିତ ହୋଇଥିଲା। ଏକ ପ୍ରେରଣାପୂର୍ଣ୍ଣ ମୁହୂର୍ତ୍ତରେ ସେ ପ୍ରତିଜ୍ଞାବଦ୍ଧ ହୋଇଥିଲେ ଶ୍ରୀମାଙ୍କ ସ୍ନେହର ଶୀତଳ ଛାୟା ତଳେ ଆଶ୍ରୟ ଗ୍ରହଣ କରିବାକୁ। ଶ୍ରୀମାଙ୍କ ନିର୍ଦ୍ଦେଶରେ ସେ ଅଧ୍ୟାପନା କାର୍ଯ୍ୟ ଯେ କେବଳ ସମ୍ପାଦନ କଲେ ତାହା ନୁହେଁ, ଏଥି ସହିତ ଛାତ୍ରୀଛାତ୍ର ନିବାସର ପରିଚାଳନାରେ ଅସାଧାରଣ ଦକ୍ଷତା ଦେଖାଇ ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ। ସ୍ନେହବୋଳା ତାଙ୍କ ଶିକ୍ଷାଦାନରେ କୃତାର୍ଥ ଅନେକ ଛାତ୍ରୀଛାତ୍ର ଆଜି ଦେଶ ବିଦେଶରେ ଥାଇ ବି ତାଙ୍କୁ ସ୍ମରଣ କରିଥା'ନ୍ତି।

ପ୍ରତିଜ୍ଞା ଦେବୀ ଅଶୀ ବର୍ଷ ବୟସରେ ଆଶ୍ରମ ଚିକିତ୍ସାଳୟରେ ଶେଷନିଃଶ୍ୱାସ ତ୍ୟାଗ କଲେ। ନିଜର ଫଟୋଟିଏ ମଧ୍ୟ ଉଠାଇବା ପାଇଁ ସଂକୋଚ କରୁଥିବା ଏହି ମହନୀୟା ସାଧିକାଙ୍କ ଅବଦାନକୁ ଠଉରେଇବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଆଶ୍ରମରେ ଯୋଗଦେବା ପୂର୍ବରୁ ସେ 'ସତ୍ୟଶ୍ରୀ' ନାମକ ଏକ ତ୍ରୈମାସିକ ପତ୍ରିକା ସମ୍ପାଦନା କରୁଥିଲେ। ସେଥିରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ବଳିତ ଲେଖା ପ୍ରକାଶ ପାଉଥିଲା। ଅନେକ ଲେଖା ତାଙ୍କର 'ଫାଲ୍‌ଗୁନୀ', 'ସବ୍ୟସାଚୀ', 'ଶିଶୁ' ଇତ୍ୟାଦି ଛଦ୍ମନାମରେ ପ୍ରକାଶିତ ହୋଇଛି। ତାଙ୍କର ଏକ ଗଳ୍ପ ସଂକଳନ 'ଚିହ୍ନା ଅଚିହ୍ନା'। ତାଙ୍କ ରଚିତ 'ଗଳ୍ପ ଅନନ୍ୟ' ବଙ୍ଗଳା ଭାଷାରେ ଅନୂଦିତ। ଶ୍ରୀଅରବିନ୍ଦଙ୍କ 'ଗୀତା ନିବନ୍ଧମାଳା', 'Synthesis of Yoga'ର ବହୁ ଅଂଶ ତାଙ୍କ ଦ୍ୱାରା ଅନୂଦିତ।




'ପୂର୍ଣ୍ଣଯୋଗ: ବାସ୍ତବ ଦିଗ୍‌ଦର୍ଶନ' ହେଉଛି ତାଙ୍କର ଅନ୍ୟ ଏକ ଅନୁବାଦ ପୁସ୍ତକ। ଶ୍ରୀମା ବିଭିନ୍ନ ପୁଷ୍ପର ଅନ୍ତର୍ନିହିତ ଗୁଣ ନିର୍ଣ୍ଣୟ କରି ଯେଉଁ ତାତ୍ତ୍ୱିକ ନାମଗୁଡ଼ିକ ସେସବୁ ଫୁଲଙ୍କ ପାଇଁ ବାଛିଥିଲେ, ସେ ସମ୍ପର୍କରେ 'ବିଜୟା' ପତ୍ରିକାରେ 'ପୁଷ୍ପଚେତନା' ନାମକ ଏକ ଧାରାବାହିକ ଦୀର୍ଘ ରଚନା ପ୍ରସ୍ତୁତ କରିଥିଲେ ପ୍ରତିଜ୍ଞା ଦେବୀ। ଶ୍ରୀଅରବିନ୍ଦଙ୍କ 'କାରା କାହାଣୀ'ର ଅନୁବାଦ, 'ଜହ୍ନମାମୁଁ' ପତ୍ରିକାର ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ତାଙ୍କର ଭୂମିକା- ସବୁ କିଛି ରହିଯାଇଛି ପରଦା ଆଡୁଆଳରେ। ମହାନ୍ ଚିତ୍ରଶିଳ୍ପୀ ପ୍ରବୋଧ କୁମାର ଚଟ୍ଟୋପାଧ୍ୟାୟଙ୍କ ଠାରୁ ସେ ପିତୃସ୍ନେହ ଲାଭ କରି ତାଙ୍କର 'ତନ୍ତ୍ରାଭିଳାଷୀର ସାଧୁସଙ୍ଗ' ଓ 'ଯାହାକୁ ରଖିବେ ଅନନ୍ତ' ଅନୁବାଦରେ ନିଜକୁ ସଂଶ୍ଳିଷ୍ଟ କରିଥିଲେ।

ତାଙ୍କର ସମଗ୍ର ଜୀବନ ଥିଲା ଏକ ନୀରବ ତପସ୍ୟା। ସେ ତପସ୍ୟାର ପ୍ରଦୀପ ଶିଖା ସର୍ବଦା ଥିଲା ଅଟଳ ଓ ଅବିଚଳିତ। ଆଜି ଭଳି ପ୍ରଚାରସର୍ବସ୍ୱ ଯୁଗରେ ଅନେକ ଏକଥା ଜାଣିନ୍ତି ନାହିଁଯେ ନିଜକୁ ପରଦା ପଶ୍ଚାତ୍‌ରେ ରଖି ସାଧନ ନିମଗ୍ନ ହେବା ଏକ ଦିବ୍ୟଗୁଣର ସଙ୍କେତ। ଆଜି ପ୍ରତିଜ୍ଞା ଦେବୀ ସଶରୀରେ ନାହାନ୍ତି। ତାଙ୍କର ନିର୍ମଳ ଆତ୍ମା କାହାରିଠାରୁ ସ୍ୱୀକୃତି, ସମ୍ବର୍ଦ୍ଧନା ବା ସ୍ତୁତିଚାରଣଯେ କଦାପି ଆଶା କରୁଥିବ- ଏକଥା ନୁହେଁ। ତାଙ୍କ ଭଳି ତପସ୍ୱିନୀଙ୍କୁ ସ୍ମରଣ କରିବା ଦ୍ୱାରା ବରଂ ଆମ ଚେତନା ପରିମାର୍ଜିତ ହେବାର ସମ୍ଭାବନା ଅଧିକ। ଶ୍ରୀଅରବିନ୍ଦ ଆଶ୍ରମର ଏଇ ମହନୀୟା ସାଧିକାଙ୍କ ନୀରବ କର୍ମଯୋଗକୁ ବ୍ୟାଖ୍ୟା କରିବା ଆମ୍ଭମାନଙ୍କ ପକ୍ଷରେ ସହଜ ନୁହେଁ। ସେ ସେହିମାନଙ୍କ ପାଇଁ ଏକାନ୍ତ ସ୍ମରଣୀୟା ହୋଇ ରହିବେ, ଯେଉଁମାନେ ପ୍ରଚାରମୁଖୀ ନୁହନ୍ତି; ଯେଉଁମାନେ ନିଃସ୍ୱାର୍ଥପର ସେବା, ସାହିତ୍ୟ ସର୍ଜନା ଓ ନିରଳସ ଶିକ୍ଷାଦାନରେ ଦୃଢ଼ ବିଶ୍ୱାସୀ।

ଡ. ମଣୀନ୍ଦ୍ର କୁମାର ମେହେର

## ପ୍ରତିଜ୍ଞା ଦେବୀଙ୍କ ଗଳ୍ପ

# କ୍ଷୀରକୋଳି



ଜୁଲି ସେତେବେଳେ ବସିଥିଲା ଅବସନ୍ନ ହୋଇ, ସତେଯେପରି ସେ ଏକ ଯୁଦ୍ଧରେ ହାରିଯାଇଛି। ଅବା ଲାଞ୍ଛିତ ଓ ଅପମାନିତ ହୋଇଛି ଅଥବା ଖୁବ୍ କାମ କରିକରି, ଖଟିଖଟି କ୍ଳାନ୍ତ ହୋଇ ପଡ଼ିଛି। ଚଉକି ଉପରେ ଦେହ ମେଲାଇ ପଡ଼ିଥିଲା ବାରବର୍ଷର ଜୁଲି। ତା' ମୁହଁଟି ଶୁଖିଯାଇଛି। ଚଉକି ପାଖରେ ଛୋଟ କାଗଜ ପୁଡ଼ାଟାଏ। ସେଇଟିକି ଜୁଲି ବାରମ୍ବାର ଚାହୁଁଛି ଆଉ ଗୋଟାଏ ଗୋଟାଏ ଦୀର୍ଘଶ୍ୱାସ ପକାଉଛି।

ସକାଳର ଘଟଣାଟି ତା' ମନରେ ପୁଣି ଗୁଡ଼େଇତୁଡ଼େଇ ହେଲା। ମନେହେଲା ଏ ସଂସାର ସେ ଛାଡ଼ି ଦିଅନ୍ତା ! କିନ୍ତୁ ଏତେ ବଡ଼ ନୈରାଶ୍ୟ ଯେପରି ସେ ସହ୍ୟ କରିପାରୁ ନାହିଁ। ତା'ର ଟିକିଏ କ'ଣ ହେଲେ ସେ ତା' ମା'ଙ୍କୁ ଯାଇ କହେ। ଆଜି କିନ୍ତୁ ସେ ପଢ଼ାଘରର ଅନ୍ଧାରୁଆ କୋଣଟିରେ ବସି ରହିଛି ଓ ଭାବୁଛି। ଆଜିର ରବିବାରଟା ଯିମିତି ବ୍ୟର୍ଥରେ ପାଣି ହୋଇ ଧୀରେଧୀରେ ମିଳେଇ ଯାଉଛି ଠିକ୍ ଆଇସ୍‌କ୍ରିମ୍ ପରି। ଧରିବାକୁ ଚେଷ୍ଟା କଲେ ବି ରହୁନାହିଁ।

ଜୁଲି ପୁଣି ଦୀର୍ଘଶ୍ୱାସ ଛାଡ଼ିଲା। ଭାବିଲା- ସଂସାରରେ ଯେଉଁମାନଙ୍କ ପ୍ରତି ଦୟା ମମତା ଆସେ, ସେସବୁର ମୂଲ୍ୟ କିଛି ନାହିଁ। ଏଡ଼େ ସୁନ୍ଦର ବୁଢ଼ୀଟିଏ ଦେଖିଲେ ଦୟା ଲାଗିବ, ସାହାଯ୍ୟ କରିବା ପାଇଁ ମନ ଚାହିଁବ। ଅଥଚ ଏତେ ଠକ ! ଜୁଲି ଭାବି ବସିଲା ସକାଳ କଥା।

ସେଦିନ ରବିବାର ଯୋଗୁଁ ସାଙ୍ଗମାନେ ଖରାବେଳେ ଖେଳିବାକୁ ଆସିବେ। ସେ ସେମାନଙ୍କୁ କ୍ଷୀରକୋଳି ଖାଇବାକୁ ଦେବ। ସବୁଦିନେ ଜୁଲି ଦେଖେ ବୁଢ଼ୀଟିଏ ପାଛିଆଏ କ୍ଷୀରକୋଳି ଧରି ଯାଉଛି। ଜୁଲି ଭାବିଥାଏ ରବିବାର ଦିନ କିଣିବ। ଆଜି ତେଣୁ କିଣିଲା। ତା'ର ସହରିଆ ସାଙ୍ଗମାନେ ହୁଏତ କ୍ଷୀରକୋଳିର ମଜା ଜାଣି ନ ଥିବେ। କିନ୍ତୁ ଜୁଲି ଗାଁକୁ ଗଲେ ତା'ର ସବୁଠାରୁ ବଡ଼ ସଉକ ହେଲା ବୁଦୁବୁଦିକିଆ ଜଙ୍ଗଲରେ ଦୌଡ଼ିଦୌଡ଼ି କ୍ଷୀରକୋଳି ତୋଳି ଖାଇବା। ସେଥିରେ ବହୁତ ମଜା ହୁଏ। ସେସବୁ କଥା କେତେଥର ସାଙ୍ଗମାନଙ୍କ ପାଖେ ସେ ଗପିଛି। ସେଇଥି ଯୋଗୁଁ ସେମାନଙ୍କୁ ଖୁଆଇବା ପାଇଁ ଆଜି କ୍ଷୀରକୋଳି କିଣିଲା। କିନ୍ତୁ ବୁଢ଼ୀଟି ତାକୁ ଆଠଅଣା ବଦଳରେ ବହୁତ କମ୍ କୋଳି ଦେଇଥିଲା, ଯାହାକି ତା'ର ସାଙ୍ଗମାନଙ୍କ ପାଇଁ ଯଥେଷ୍ଟ ହେବ ନାହିଁ। ଜୁଲି ପିଲାଲୋକ ବୋଲି ବୁଢ଼ୀ ଏମିତି ସିନା ଠକିଦେଲା !

ଜୁଲି ଖାଲି ବୁଢ଼ୀ କଥା ଭାବୁଛି। କାହିଁକି ସେ ଏପରି କଲା ? କି ଅପରାଧ ସେ ତା' ପାଖରେ କରିଥିଲା ? ଜୁଲି ବସିବସି ଭାବିଲା, ଆହୁରି ଭାବିଲା। ଶେଷରେ ଦୁଃଖ ଓ ରାଗରେ ଆଖିରୁ କେଇ ଟୋପା ଲୁହ ମଧ୍ୟ ଗଡ଼ିପଡ଼ିଲା। ଜୁଲି ଚୁପ୍‌ଚାପ୍ ମୁହଁମାଡ଼ି ତକିଆ ଉପରେ ଶୋଇଗଲା।

ଠିକ୍ ବାରଟା ବେଳକୁ କାହାର ବାରମ୍ବାର କରାଘାତ। ଜୁଲି କବାଟ ଖୋଲି ଦେଖିଲା ସେଇ ବୁଢ଼ୀ। ସାରା ସକାଳ ବୁଲିବୁଲି ବୁଢ଼ୀର କୋଳି ଜମା ବିକ୍ରି ହୋଇନାହିଁ।

ବୁଢ଼ୀ କହିଲା- "ଆଜି ତତେ ଠକି କରି ଯାଇଥିଲି ବୋଲି ମୋର କିଛି ବିକ୍ରି ହେଲାନାହିଁ। ପାଛିଆ ଆଣ, ମୁଁ ତୋ' କୋଳିତକ ତୋତେ ଦେଇ ଦେଉଛି।" ବୁଢ଼ୀ ଅଳ୍ପଅଳ୍ପ ଲୁହ ପୋଛିଲା ଭଳି ଜଣାଗଲା। କଣ୍ଠ ଖୁବ୍ ଆର୍ଦ୍ର ଥିଲା। ଜୁଲି କାଠ ଭଳି ଠିଆ ହୋଇଗଲା। ବୁଢ଼ୀ ପ୍ରତି ତା'ର ରାଗ, ଦୁଃଖ, ଅଭିମାନ ନ ଥିଲା କିମ୍ବା ଦୟା, ଅନୁକମ୍ପା ମଧ୍ୟ ନ ଥିଲା। ଜୁଲି ସେମିତି ଠିଆ ହୋଇଥିଲା ଜଡ଼ବତ୍। ବୁଢ଼ୀ ତା'ର ଠକାମିଜନିତ ଦୁର୍ଭାଗ୍ୟ କଥା କହି କାନ୍ଦିଲା। ଏଥର ଜୁଲିକୁ ପାଖକୁ ଟାଣି ନେଇ ତା' ଫ୍ରକ୍‌ରେ ପ୍ରାୟ ସବୁ କୋଳି ଅଜାଡ଼ି ଦେଇ ପାଛିଆଟି ତଳେ ବାଡ଼େଇ ଦେଇ ବସି ପଡ଼ିଲା, ଆଉ ମୁଣ୍ଡ କୋଡ଼ି ଧକେଇ ଧକେଇ କାନ୍ଦିଲା।

ଜୁଲି ଏଥର ନିଶ୍ଚଳ ଜଡ଼ ଅବସ୍ଥାରୁ ସଚଳ ହେଲା। କୋଳିଗୁଡ଼ିକ ଘରେ ରଖି ଆନନ୍ଦରେ ତା'ର ବହୁ ଦିନର ସଞ୍ଚିତ ପାଞ୍ଚ ଟଙ୍କିଆ ନୋଟ୍ ଖଣ୍ଡେ ଆଣି ବୁଢ଼ୀକୁ ବଢ଼ାଇଦେଲା। ବୁଢ଼ୀ ମୁଣ୍ଡରେ ଲଗାଇ କାନିରେ ବାନ୍ଧିଲା। ଏଥର ଜୁଲି ହସିଲା। ବୁଢ଼ୀ ବି ହସିଲା। ହସିହସି ବୁଢ଼ୀ କହିଲା- "ଏଣିକି ସବୁଦିନେ ତୋ' ପାଇଁ କ୍ଷୀରକୋଳି ଆଣିଥିବି, ସବୁଠୁ ଭଲ କ୍ଷୀରକୋଳି।"

କାର୍ତ୍ତିକ କୁହେ ଠିକ୍ ନିଶ ଗଜୁରୁଥିବା ବୟସରେ ଯୋଉ ପ୍ରେମ ହୁଏ, ସେଇଟା ଖାଣ୍ଟି ପ୍ରେମ। ତା' କଥା ପ୍ରମାଣ କରିବା ଲାଗି ତା' ଜୀବନରେ ଘଟିଥିବା ଘଟଣା ମୋ' ଆଗରେ ପେସ୍ କରେ।

ସେତେବେଳେ କାର୍ତ୍ତିକର ବୟସ ଚଉଦ ହେବ। ତେର ଚଉଦ ବର୍ଷ ବୟସରେ ନାକତଳ କଳା ହେବା ଖାସ୍ କରି ପୁଅ ପିଲାର ଏକ ସ୍ୱାଭାବିକ କଥା। କାର୍ତ୍ତିକର ବି ସେଇଆ ହୋଇଥିଲା। ସେତେବେଳକୁ ସବୁ ଜିନିଷ ତାକୁ ନୂଆନୂଆ ଲାଗୁଥିଲା। ରଙ୍ଗିନ୍ ପ୍ରଜାପତି ଡାଳରୁ ଡାଳ, ଫୁଲରୁ ଫୁଲକୁ ଉଡ଼ି ବୁଲୁଥିବାବେଳେ ତା' ପଛରେ ଆଉ ଗୋଡ଼େଇବା ପାଇଁ ତା'ର ଇଚ୍ଛା ହୁଏ ନାହିଁ, ବରଂ ସେ ଚାହେଁ ଜାଣିବା ପାଇଁ, କାହିଁକି ପ୍ରଜାପତି ସେମିତି ଫୁଲରୁ ଫୁଲକୁ ତେଇଁ ଉଡ଼ିବୁଲେ। ବୋହୂଚୋରି ଖେଳୁଥିବା ସାହିର ଅନ୍ୟ କିଶୋରୀମାନଙ୍କ ସାଙ୍ଗରେ ଆଉ ସେ ଖେଳିପାରେ ନାହିଁ। ସେମାନେ ଯେମିତି ତାକୁ ଛଡ଼ାଛଡ଼ା ହୁଅନ୍ତି, ସେ ବି ସେମିତି ସେମାନଙ୍କ ପାଖକୁ ଯିବାକୁ ସାହସ କରେ ନାହିଁ। ଅନେକ ସମୟରେ ସେମାନଙ୍କୁ ଦେଖିଲେ ତା'ର ଗାଲ ନାଲି ହେଇଯାଏ ଏବଂ ତାକୁ କେମିତି କେମିତି ଲାଗେ। ଏପରିକି ତା'ର ଏବେକାର ଛୋଟବେଳର ସାଙ୍ଗ ସୁଚୀ ସାଙ୍ଗରେ ବି ସେ ଆଉ ଖେଳେ ନାହିଁ।

ସୁଚୀ ସାଙ୍ଗରେ ନ ଖେଳିଲେ ବି ସୁଚୀ ଘରଆଡ଼େ ବୁଲିଯିବାରେ, ସୁଚୀ ସାଙ୍ଗେ ଗପିବାରେ, ବିଭିନ୍ନ ଆଳରେ ସୁଚୀଠୁ ବହି ବଦଳେଇବାରେ ତାକୁ ଭାରି ଭଲ ଲାଗେ। ଅଙ୍କବହି ଦେଇ ଅଙ୍କ ସମ୍ପଦ ବହି ଆଣେ। ଗ୍ରାମାର୍ ଖାତା ଦେଇ ଆଲ୍‌ଜେବ୍ରା ଖାତା ଆଣେ। ଯେମିତି ହେଉ ଦିନକୁ ଥରେ ସୁଚୀ ସାଙ୍ଗରେ ଭେଟ ନ ହେଲେ ତାକୁ ଖରାପ ଲାଗେ।

କାର୍ତ୍ତିକର କ୍ଲାସ୍‌ମେଟ୍‌ମାନଙ୍କ ମଧ୍ୟରେ ସୁରଥ ଥାଏ ସବୁଠୁ ବୟସ୍କ ଆଉ ବଳୁଆ ଏବଂ ସେହି ହେତୁରୁ ସେ ନେତୃସ୍ଥାନୀୟ। ତା' କ୍ଲାସ୍‌ମେଟ୍‌ମାନଙ୍କ ଭିତରେ କେବଳ ସୁରଥର ନିଶଦାଢ଼ି ବଢ଼ି ଯାଇଥାଏ। କେବଳ ସୁରଥ ହିଁ 'ମଡର୍ନ ସେଲୁନ୍'ରେ ମଝିରେ ମଝିରେ ଦାଢ଼ି ସଫାକରେ ଆଉ ନିଶକୁ ତୀକ୍ଷ୍ଣ କରି ସଜାଏ। ଗୋଟିଏ ଶ୍ରେଣୀରେ ଏକାଦିକ୍ରମେ ତିନିବର୍ଷ ଧରି ପଢୁଥିବାରୁ ସୁରଥ ସେଇ କ୍ଲାସ୍ ଉପରେ ଏକରକମ ଆଧିପତ୍ୟ ବିସ୍ତାର ଲାଭ କରିଥାଏ।

ସେଇ ସୁରଥ ଦିନେ ନଜର ପକାଇଲା କାର୍ତ୍ତିକ ଉପରେ। ସାମାନ୍ୟ ବୟସାଧିକ୍ୟ ଯୋଗୁଁ ବୋଧହୁଏ ସେ କିଛିଟା ଆଭାସ ପାଇଲା କାର୍ତ୍ତିକର ବାରମ୍ବାର ସୁଚୀ ସହ ମିଳାମିଶାର। ସୁଚୀର ଆଲ୍‌ଜେବ୍ରା ଖାତା ନେଇ ସ୍କୁଲପଡ଼ିଆ ଆଡୁ କାର୍ତ୍ତିକ ଆସୁଛି, ସୁରଥ ଡାକ ପକାଇଲା- 'କାର୍ତ୍ତିକ କିରେ! ଶୁଣିବୁ ତ।' କାର୍ତ୍ତିକର ଅବଚେତନରେ ସବୁବେଳେ ଏଇ ବୟସ୍କ କ୍ଲାସ୍‌ମେଟ୍‌ଟି ପ୍ରତି ଗୋଟିଏ ବିରକ୍ତିମିଶା ଭୟ ରହିଥାଏ। ସବୁବେଳେ ତାକୁ ସେ ଏଡ଼େଇ ଦେବା ପାଇଁ ଚେଷ୍ଟା କରେ। କ୍ଲାସ୍‌ରେ ଅନ୍ୟ ପିଲାମାନେ ତା' ସହିତ ହେଁ ହେଁ ଫେଁ ଫେଁ ହେଲାବେଳେ ସେ ଚୁପ୍ କରି ଖସିଯାଇ ସୁଚୀ ସାଙ୍ଗରେ ଗପେ। କିନ୍ତୁ ସେଦିନ ସୁରଥର ଡାକ ଶୁଣି ସେ ପ୍ରାୟ ଚକିତ ହୋଇ ରହିଗଲା।

ପାଖକୁ ଆସି ତା' କାନ୍ଧରେ ହାତ ରଖି ସୁରଥ କହିଲା- 'ସୁଚୀ ପାଖରୁ ଆସୁଛୁ କିରେ! କି ଖାତା ସେ, ଦେଖି।'

ଅଗତ୍ୟା ସୁଚୀର ଆଲ୍‌ଜେବ୍ରା ଖାତାଟା ସୁରଥ ଆଡ଼କୁ ବଢ଼ଉ ବଢ଼ଉ କାର୍ତ୍ତିକ କହିଲା- 'ଆଲ୍‌ଜେବ୍ରା ଖାତା। ମୁଁ ମଝିରେ ଆବ୍‌ସେଣ୍ଟ ଥିଲି ତ। ଟିପିବାକୁ ନେଉଛି।' ସୁରଥ ସେମିତି ଗମ୍ଭୀର ହୋଇ କହିଲା- 'ଭଲ ଭଲ। ପାଠ ପଢୁଛ ପଢ଼। ମୋ' ଦେଇ ତ ସେଟା ହେଲାନିରେ ବାବା। ତେବେ ଶାଠ କଥା କହିଲେ ତୋତେ ଟିକେ ପଢ଼େଇ ଦେଇପାରେ'- ବକ୍ରହସ ହସିଲା ସୁରଥ।

କାର୍ତ୍ତିକ କିଛି ବୁଝିପାରିଲା ନାହିଁ। ବଲବଲ କରି ଅନେଇଲା ତା'ଠୁ ବଡ଼ ତା'ର ସେଇ ଶ୍ରେଣୀ ସାଥୀଟିକୁ। ହଠାତ୍ ସୁରଥ ତା' ଆଡ଼କୁ ଝୁଙ୍କି ଆସି ପଚାରିଲା- 'ଲଭ୍ କରୁଛୁ କିରେ? ସୁଚୀକୁ ଲଭ୍ କରୁଛୁ?'

ତା'ପରେ ହୋ ହୋ ହୋଇ ହସି ଉଠିଲା ସୁରଥ। କହିଲା- 'ଯା, ବେଳ ପଡ଼ିଲେ ମୋତେ ପଚାରିବୁ। ବତେଇଦେବି। ଏଇଥିରେ ପାରଙ୍ଗମ ବୋଲି ତ ଆଜି ତମ ସାଙ୍ଗରେ ମୁଁ ପଢୁଛି।'

ଲଭ୍ ଶବ୍ଦଟାର ଅର୍ଥ କ'ଣ ବା ତା'ର ସଂଜ୍ଞା କ'ଣ ସେଇଟା ସୁରଥର ବୋଧଗମ୍ୟ ନ ଥିଲା। ତେବେ ଅପେରା ସିନେମାରେ ଦେଖି, ଖାଇବା ଛୁଟିବେଳେ ଗପି ଆଉ ନଈକୂଳରେ ବୁଲିଲାବେଳେ ଚର୍ଚ୍ଚା କରି ସେଇ ଶବ୍ଦଟାଯେ ପୁଲକପ୍ରଦ ଏବଂ ସେଇଟା ଯେ ଦୁଇଜଣ ଭିନ୍ନ ଲିଙ୍ଗୀ ବ୍ୟକ୍ତିଙ୍କ ମଧ୍ୟରେ ସଙ୍ଗଠିତ ହୋଇଥାଏ ଏବଂ ସେଇଟା ହେଲେ ଉକ୍ତ ଦୁଇଜଣ ବ୍ୟକ୍ତି ଭବିଷ୍ୟତରେ ସ୍ୱାମୀ-ସ୍ତ୍ରୀ ଏବଂ ବାପା-ମା' ହୁଅନ୍ତି ଏମିତି ଗୋଟିଏ ଧାରଣା ପୂର୍ଣ୍ଣ ରୂପାୟିତ ଭାବେ ନ ହେଲେ ବି କାର୍ତ୍ତିକର ମନରେ ଥାଏ। ତେଣୁ 'ଲଭ୍' ଶବ୍ଦଟା ଶୁଣି ପୁଣି ସୁଚୀକୁ ନେଇ ତାକୁ ଭାରି ଲାଜଲାଜ ଲାଗିଲା। ସେ କହିଲା- 'ମୁଁ ଆସୁଛି। ଘରେ ଟିକେ କାମ ଅଛି।'

ଆଦୌ ବାଧା ନ ଦେଇ ସୁରଥ କହିଲା- ହଉ ଆ... ହେଲେ ଲଭ୍ କଥାରେ ମୋତେ ତୁ ବଳେଇ ଯିବୁନି। ମନ୍ତ୍ର ଦେଇ ଦେବିରେ ମନ୍ତ୍ର। ନେବୁ ଯଦି କହ।

ସୁରଥ କବଳରୁ ଖସିଆସିଲେ ସୁଦ୍ଧା ଲଭ୍ ଶବ୍ଦ ଦ୍ୱାରା କବଳିତ ହୋଇପଡ଼ିଲା କାର୍ତ୍ତିକ। ସେ ଦିନସାରା ପୁଣି ରାତିରେ ଅନେକ ସମୟ ଧରି ଭାବି ଚାଲିଲା ସୁରଥର କଥାକୁ। ସୁଚୀକୁ ସେ ସତରେ କ'ଣ ଲଭ୍ କରେ? ସୁଚୀକୁ ସେ କ'ଣ ଏଇଥିପାଇଁ ସବୁଦିନ ଦେଖିବାକୁ ଯାଏ? ଏଇଥିପାଇଁ କ'ଣ ସୁଚୀର ବହିଖାତା ହାତରେ ଧରିବାକୁ ଭଲ ଲାଗେ? ସୁଚୀ ସହିତ ତା'ହେଲେ

## ସ୍ମରଣୀୟ

ତରୁଣ କୁମାର ସାହୁଙ୍କ ଜନ୍ମ ୨୨ ଜୁଲାଇ ୧୯୫୪ରେ, ଝାଡ଼ଖଣ୍ଡର ଖରସୁଆଁ ଗଡ଼ରେ। ସାରସ୍ୱତ କୃତି: ଗଳ୍ପ- 'ଅଦମ୍ୟ' (୧୯୯୪), 'ଅବ୍ୟକ୍ତ' (୧୯୯୮), 'ଗାନ୍ଧିବାଦ ଓ ଅନ୍ୟାନ୍ୟ ଗଳ୍ପ' (୨୦୦୫), 'ପଦନୀ' (୨୦୦୮) ଏବଂ 'ବିସ୍ଥାପନ ଓ ଅନ୍ୟାନ୍ୟ ଗଳ୍ପ' (୨୦୧୫)। ଅନୁବାଦ- 'ଜୈନେନ୍ଦ୍ରଙ୍କ କାହାଣୀ' (୨୦୦୯) ଓ 'କନିଷ୍କଙ୍କ ମାୟା' (୨୦୧୫)। ତରୁଣଙ୍କ ଗଳ୍ପର ପ୍ରସଙ୍ଗ ଏପରିଯେ ପଢ଼ିଲା ପରେ ଆକାଶରୁ ଖସିପଡ଼ିଲା ପରି ଲାଗେ ବିସ୍ମୟରେ। ଭାଷା ନିତିଦିନିଆ, ଓସ୍ତାଦିର ଅହଙ୍କାର ନାହିଁ କେଉଁଠି। ଏଥରର 'ସ୍ମରଣୀୟ'ରେ ତାଙ୍କର ଏକ ବହୁ ଆଦୃତ ଗଳ୍ପ 'ତାବିଜ, ଗୁଣ୍ଡୁଚିମୂଷା ଓ ପ୍ରେମ'...



ତରୁଣ କୁମାର ସାହୁ

# ତାବିଜ, ଗୁଣ୍ଡୁଚିମୂଷା ଓ ପ୍ରେମ

ତା'ର ଲଭ୍ ହୋଇଯାଇଛି।

ପାଖାପାଖି ରାତି ତିନିଟାରେ ସେଦିନ ତା'ର ନିଦ ହୋଇଥିଲା, ଅନେକ ସମୟ ଛଟପଟ ହେବା ପରେ। ତା' ପରଦିନ ସକାଳେ ସୁଚୀକୁ ବହିଟିଏ ଫେରାଇବାକୁ ଗଲାବେଳେ ସୁରଥ କଥା ବାରମ୍ବାର ମନେପଡୁଥିଲା କାର୍ତ୍ତିକର। ଅନ୍ୟ ଦିନ ଭଳି ବେଧଡ଼କ ସେ ଆଉ ସୁଚୀ ପାଖକୁ ଯାଇପାରିଲା ନାହିଁ। ରାସ୍ତାରେ ଗଲାବେଳେ ଯେତେ ସାଙ୍ଗଙ୍କ ସହ ଭେଟ ହେଲା, ତା'ର ମନେହେଲା ସମସ୍ତେ ତା'ରି ଆଡ଼କୁ ଅନଉଛନ୍ତି ଏକ କୌତୂହଳପୂର୍ଣ୍ଣ ରହସ୍ୟଭରା ଚାହାଣିରେ। ସେତେବେଳେ କାର୍ତ୍ତିକର ମନେ ହେଉଥିଲା ଯଦି ସୁରଥ ସହିତ ସେଦିନ ତା'ର ଆଦୌ ଭେଟ ନ ହୋଇ ନ ଥାଆନ୍ତା, ତା' ହେଲେ ସେ ନିଜକୁ ସବୁଠୁ ଭାଗ୍ୟବାନ୍ ବୋଲି ମଣନ୍ତା।

ସୁଚୀ ସହ ଭେଟ ହେବାମାତ୍ରେ ସୁଚୀ କାର୍ତ୍ତିକକୁ ଚମକେଇ ଦେଇଥିଲା ପ୍ରଶ୍ନଟିଏ କରି- 'ତୋ' ଦେହ ଭଲ ନାହିଁକି? ଆଜି ଏମିତି କ'ଣ ଦିଶୁଛୁ?' ସତରେ ସେଦିନ କାର୍ତ୍ତିକ ଅସୁସ୍ଥ ଥିଲା ମନରେ। ସେଦିନ ପ୍ରଗଲ୍‌ଭ ଭାବେ ଆଉ ସେ ଗପି ପାରିଲାନି ସୁଚୀ ପାଖରେ। ସୁଚୀ ହସିହସି ଗଡ଼ିଯିବାର ପରିବେଶ ସୃଷ୍ଟି କରିପାରିଲା ନାହିଁ। ଚୁପ୍‌ଚାପ୍ ସେମିତି କାନ୍ଥକୁ ଆଉଜି ଅନେଇ ରହିଲା ସୁଚୀକୁ ବହୁତ ସମୟ ଧରି। ଛାତି ତା'ର ଧଡ଼ଧଡ଼ କରୁଥିଲା।

ଅଳ୍ପ ଡରିଗଲା ସୁଚୀ। କାର୍ତ୍ତିକର ନାଡ଼ି ଧରି ତା' ଛାତିରେ ହାତରଖି କହିଥିଲା-'କାହିଁ ଜର ଭଳି ଲାଗୁନି ତ! କ'ଣ ହୋଇଛି?'

ପ୍ରଥମଥର ପାଇଁ ସୁଚୀର ପରଶ କେମିତି ଏକ ବେପଥୁ ସୃଷ୍ଟି କରିଥିଲା କାର୍ତ୍ତିକର ଦେହ ଆଉ ମନରେ। ସେଇ ପ୍ରଥମଥର ପାଇଁ ସେ ଲାଜରା ଲାଜରା ଆଖିରେ ସୁଚୀର ଅଳ୍ପ ବଢ଼ିଲା ବଢ଼ିଲା ଛାତି ଆଡ଼କୁ ଅନେଇଲା ଆଉ କିଛି ନ କହି ଚଟ୍ କରି ଚାଲି ଆସିଥିଲା।

ସୁଚୀ ଘରୁ ଫେରିଲାବେଳେ କିନ୍ତୁ ସୁରଥ ସହ ଭେଟ ହେଇଗଲା କାର୍ତ୍ତିକର। ସୁରଥକୁ ଦେଖୁଦେଖୁ କାର୍ତ୍ତିକର ପାଦ ଦି'ଟା ଲାଖିଗଲା ରାସ୍ତା ଉପରେ। ସୁରଥ ତା' ଆଡ଼େ ଅନେଇ ଭ୍ରୂକୁଞ୍ଚନ କରି ହସଟିଏ ଝାଡ଼ି ପଚାରିଲା- 'ଯାଇଥିଲୁ କିରେ? ଦେଖାହେଲା?'

ବାଧ ଛାତ୍ରଟେ ଭଳି କାର୍ତ୍ତିକ ମୁଣ୍ଡ ଟୁଙ୍ଗାରି ଜଣାଇଥିଲା ଯେ ତା'ର ଭେଟ ହୋଇଛି ସୁଚୀ ସାଙ୍ଗରେ।

'ସବୁ ଭଲ?'

ସେଇ ଭଙ୍ଗୀରେ ଉତ୍ତର ଦେଇଥିଲା କାର୍ତ୍ତିକ।

- 'ହଉ, ଆଜି ସ୍କୁଲକୁ ଯିବୁ ତ? ଫେରିବାବେଳେ ମୋତେ ଭେଟିବୁ ପଡ଼ିଆରେ?'

ସଂଜ ନ ହେଉ ଏବଂ ସୁରଥର ସେ ବୟସ୍କ ସବ୍‌ଜାନ୍ତା ଚାହାଣିର ସାମ୍ନା ତାକୁ କରିବାକୁ ନ ପଡୁ, ଏମିତି ଏକ ତୀବ୍ର ଇଚ୍ଛା ଗୋଟିଏ ପଟେ ଏବଂ ଅନ୍ୟପଟେ ସୁରଥ ତାକୁ ସ୍ୱେଚ୍ଛାକୃତ ଭାବେ ବତେଇ ଦେବ 'ଲଭ୍‌ଟା ସତରେ କ'ଣ ଆଉ ସୁଚୀ ସାଙ୍ଗରେ ତା'ର ଲଭ୍ ଅଛି କି ନା ଏବଂ ଯଦି ଅଛି ସେ ସୁଚୀକୁ ପାଇପାରିବ କି '- ଏମିତି ଦୁଇଟି ପରସ୍ପର ବିରୋଧୀ ଇଚ୍ଛା ଦ୍ୱାରା ପେଷି ହୋଇ କଲବଲ ହେଲା କାର୍ତ୍ତିକ ସେଇ ଦିନଟା ସାରା। ସ୍କୁଲ୍‌ରେ ଶରୀରଟାକୁ ଯଥାସମ୍ଭବ ବେଞ୍ଚ ଉପରେ ବସେଇ ରଖିଥିଲେ ସୁଦ୍ଧା ତା'ର ଉଚ୍ଚାଟ ମନ ସ୍କୁଲ୍‌ର ଚାରିକାନ୍ଥ ଭିତରକୁ ଆଦୌ ଆସିପାରୁ ନ ଥିଲା। ସେ ଦିନଟା ସେ ସାଂଘାତିକ ଭାବରେ ଅନ୍ୟମନସ୍କ ଥିଲା। ଅନ୍ୟ ବେଞ୍ଚ୍‌ରେ ବସିଥିବା ସୁରଥର ମୁରୁକିହସା ତାକୁ ଆହୁରି ଦରମରା କରି ଦେଇଥିଲା।



ସଂଜବେଳେ ସ୍କୁଲ ଛୁଟି ହେବା ପରେ ତା'ର କ୍ଲାସ୍‌ମେଟ୍ ଯେ ଯୁଆଡ଼େ ଯିବାକୁ ଲାଗିଲେ, କିନ୍ତୁ କାର୍ତ୍ତିକର ଗୋଡ଼ ଯନ୍ତ୍ରଚାଳିତ ପରି ମାଡ଼ିଚାଲିଲା ପଡ଼ିଆ ଆଡ଼କୁ। ସୁରଥ ଆଗରୁ ଯାଇଥାଏ। ଖାଇବା ଛୁଟି ପରଠୁ ଅନୁପସ୍ଥିତ ଥିବା ସୁରଥକୁ ଖେଳପଡ଼ିଆର ଗୋଟିଏ କୋଣରେ ମହଜୁଦ ଥିବା ଦେଖି ଆଦୌ ଚକିତ ହେଲା ନାହିଁ କାର୍ତ୍ତିକ, ବରଂ କେମିତି ଏକ ନର୍ଭସ ବେମାରିରେ ପୀଡ଼ିତ ହୋଇଗଲା।

କୌଣସି ଉପକ୍ରମଣିକା ନ ଦେଇ ସୁରଥ ଆରମ୍ଭ କଲା- ''ତୋ' ଆଖି କହୁଛି, ବୁଝିଲୁ କାର୍ତ୍ତିକା, ତୋ' ଆଖି କହୁଛି। ତୋ' ହାବଭାବ ଚାଲିଚଳଣ ସବୁ କହୁଛିରେ। ମୋ' ଆଖିରୁ ଖସିବାଟା ମୁସ୍‌କିଲ ପରା। ବୁଝିଲୁ କାର୍ତ୍ତିକା, ତୁ ପୂରାପୂରି ଯାଇଛୁ। ତୋର ଲଭ୍ ହୋଇ ଯାଇଛିରେ, ଲଭ୍ ହୋଇଯାଇଛି।''

ହଠାତ୍ ଭୋ କରି କାନ୍ଦି ଉଠିଲା କାର୍ତ୍ତିକ। ସୁରଥ କେମିତି ଘାବରେଇଗଲା, ତେର ଚଉଦ ବରଷର ଟୋକାଟା ଏମିତି ଗୋଟିଏ ଡାଇଲଗ୍‌ରେ ଭୋ ଭୋ କରି କାନ୍ଦି ଉଠିବ, ଏଇଟା ତା'ର କଳ୍ପନାର ପରିଧି ଭିତରକୁ ଆଦୌ ଆସିପାରି ନ ଥିଲା। କାର୍ତ୍ତିକ ବି ହଠାତ୍ ଭିତରେ ଭିତରେ ଚକିତ ହୋଇଯାଇଥିଲା ତା'ର ନିଜର ଲୁହ ଆଉ କୋହ ଦେଖି। ପରବର୍ତ୍ତୀ ଅବସ୍ଥାରେ ଅନେକ ବିଶ୍ଳେଷଣ କରି ମଧ୍ୟ କାର୍ତ୍ତିକ ଠିକ୍ ଜାଣିପାରି ନ ଥିଲା ହଠାତ୍ ସେ କାହିଁକି କାନ୍ଦି ଉଠିଥିଲା ସେତେବେଳେ। ସୁରଥର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଚାହାଣି ସହ ଲଭ୍ ଭିତରେ କାର୍ତ୍ତିକ ପଡ଼ିଯାଇଥିବାର ସମ୍ବାଦ ପରିବେଷଣ ଭଙ୍ଗୀ ଯୋଗୁଁ ନା ତା'ର ସୁଚୀ ସାଙ୍ଗରେ ବାସ୍ତବରେ ଲଭ୍ ହୋଇଯାଇଥିବାର ପ୍ରମାଣ ଅନ୍ୟଠାରୁ ସଂଗ୍ରହ କରିପାରିଥିବାର ଆନନ୍ଦ ଯୋଗୁଁ ନା ସମ୍ପୂର୍ଣ୍ଣ ଅହେତୁକ ଭାବେ ସେ କାନ୍ଦିଥିଲା, ସେଇଟା କାର୍ତ୍ତିକ ଆଗରେ ବର୍ତ୍ତମାନ ବି ଏକ ବିରାଟ ପ୍ରଶ୍ନବାଚୀ।

ସୁରଥ କିନ୍ତୁ ସେଦିନ ଆଉ କିଛି କହିବାକୁ ସାହସ କରି ନ ଥିଲା। କେବଳ ଏତିକି କହିଥିଲା- 'ଓଲୁଟା କିରେ। ଲଭ୍ କରୁଛୁ ତ ଡରୁଛୁ କିଆଁ। ମୁଁ ଅଛି ତୋ' ସାଙ୍ଗରେ, ଆଚ୍ଛା ଚାଲ ଚାଲ ଘରକୁ ଯିବା।'

ତା'ପରେ ପ୍ରାୟ ସାତ ଆଠଦିନ ସୁରଥ କାର୍ତ୍ତିକକୁ କିଛି କହି ନ ଥିଲା। ସେଇ ଦିନମାନଙ୍କରେ ଯେ କାର୍ତ୍ତିକର ସୁରଥ ସାଙ୍ଗରେ ଭେଟ ନ ହୋଇଛି, ତା' ନୁହେଁ। ତେବେ ସୁରଥ ତାକୁ ଦେଖି କେବଳ ଅଳ୍ପ ହସିଦେଇ ଚାଲିଯାଇଛି। ପ୍ରଥମେ ପ୍ରଥମେ ସୁରଥର ମୁରୁକୁନ୍ଦି ହସଟା କେମିତି ଭୀତିପ୍ରଦ ଜଣାପଡୁଥିଲା କାର୍ତ୍ତିକକୁ। କିନ୍ତୁ ତିନି ଚାରିଦିନ ପରେ ତାକୁ ସେ ସ୍ୱାଭାବିକ ବନ୍ଧୁଭାବାପନ୍ନ ହସ ଭାବେ ଗ୍ରହଣ କରି ନେଇଥିଲା। ମନରୁ ଡରଟା ଅପସରିଯିବା ସାଙ୍ଗେସାଙ୍ଗେ ସୁଚୀ ସାଙ୍ଗରେ ଭେଟ ହେବାର ଇଚ୍ଛାଟା ତା'ର ବଳବତ୍ତର ହୋଇଯାଉଥିଲା ଏବଂ ସେ ସୁଚୀ ସାଙ୍ଗେ ପୂର୍ବଭଳି ଗପସପ ହେବା ଆରମ୍ଭ କରିଦେଲା।



କିନ୍ତୁ ଦିନେ ପୁଣିଥରେ ସୁରଥ ତାକୁ ଅଟକେଇଲା ସ୍କୁଲ ଫେରିବା ବାଟରେ। କହିଲା- 'କିରେ, ଠିକ୍ ଚାଲିଛି ତ। ସାବାସ୍। ଆ ତୋତେ ଗୋଟିଏ ମନ୍ତ୍ର ଦେବି। ସବୁ ଠିକ୍ ହୋଇଯିବ।' ମନ୍ତ୍ର କଥା ଶୁଣି କେମିତି ଏକ ଦୁର୍ବାର କୌତୂହଳ ସୃଷ୍ଟି ହେଲା କାର୍ତ୍ତିକ ମନରେ। ସୁରଥ ସାଙ୍ଗରେ ସେଇ ପଡ଼ିଆ ପାଖରେ ବରଗଛ ତଳକୁ ଅନେଇ ରହିଲା-କେମିତି ସୁରଥ ତାକୁ ମନ୍ତ୍ରଟା ଦେବ।

ଅଳ୍ପ ସମୟ ଗମ୍ଭୀର ଭାବେ ବସି ସୁରଥ ଟିକେ ଗଳା ସଫା କରି କହିଲା- 'ଗୁଣ୍ଡୁଚିମୂଷାଟେ ଧରିବାକୁ ହେବ।' ଗୁଣ୍ଡୁଚିମୂଷା ତାଙ୍କର ଏଇ ଲଭ୍‌ଜନିତ କଥୋପକଥନ ତଥା ମନ୍ତ୍ର ଆଦାନପ୍ରଦାନ ଭିତରକୁ କିପରି ପଶିଆସିଲା, କାର୍ତ୍ତିକ ଆଦୌ ବୁଝିପାରିଲା ନାହିଁ। ଅବୁଝା ଆଖିରେ ପଚାରିଲା- 'ଗୁଣ୍ଡୁଚିମୂଷା ପୁଣି କ'ଣ ହେବ?'

ସୁରଥ କହିଲା- 'ଆରେ କହୁଛି, ବ୍ୟସ୍ତ ହେଲେ ହେବ। ଦେଖ, ତମ ବାରିରେ ଯୋଉ ଗଛ ଗୋଟେ ଦି'ଟା ଅଛି, ସେଇଠି ଖୋଜିବୁ। ଗୁଣ୍ଡୁଚିମୂଷା ଥିବ। ଧରିପାରିବୁ ତ ଭଲ, ନଚେତ୍ ମାରିଦେବୁ ଆଉ ତା' ଲାଞ୍ଜଟା କାଟିଆଣି ମୋତେ ଦେବୁ। ମୁଁ ବି ଯା' ଭିତରେ ତାବିଜଟେ ଠିକ୍ କରିଥିବି।'

ଗୁଣ୍ଡୁଚିମୂଷା ଲାଞ୍ଜ ସହ ତାବିଜର କି ସମ୍ପର୍କ ଏବଂ ଏଇ ଦୁଇଟି ଅଜବ ବସ୍ତୁ ସହ ତା'ର ଅତି ଆପଣାର ସୁଚୀର ବା କି ସମ୍ପର୍କ ସେତେବେଳେ ଆଦୌ ବୁଝିପାରୁ ନ ଥିଲା କାର୍ତ୍ତିକ। ସୁରଥ ହିଁ ତାକୁ ବୁଝାଇଥିଲା- 'ବୁଝିଲୁ, ଗୁଣ୍ଡୁଚିମୂଷା ଲାଞ୍ଜଟା ତାବିଜ ଭିତରେ ରହିବ ଆଉ ତୁ ସେ ତାବିଜ ପିନ୍ଧିବୁ।'

'ପିନ୍ଧିଲେ?'- ବଡ଼ ସରଳ ମନରେ ପ୍ରଶ୍ନ କରିଥିଲା କାର୍ତ୍ତିକ। ସୁରଥ ଉତ୍ତର ଦେଇଥିଲା- 'ପିନ୍ଧିଲେ ତୁ ପାଇଯିବୁ ସୁଚୀକୁ। ସୁଚୀ ଏକା ତୋର ହେବ। ତୋ' ଲଭ୍ ଠିକ୍ ବାଟରେ ଯିବରେ ବୋକା। ହେଲେ ଖାଲି ଗୁଣ୍ଡୁଚିମୂଷା ଲାଞ୍ଜ ନୁହେଁ, ଆହୁରି ଅଛି। ତୁ ସୁଚୀକୁ ଭଲ ଭାବରେ ଲକ୍ଷ୍ୟ ରଖିଥିବୁ। ସେ ଯୋଉଠି ପରିସ୍ରା କରିବ, ସେଇଠୁ କିଛି ମାଟି ଆଣି ବୋଳିଦେବୁ ଲାଞ୍ଜରେ। ତା'ପରେ ଲାଞ୍ଜଟିକୁ ଭଲ ଭାବରେ ଖରାରେ ଶୁଖେଇ ତାବିଜ ଭିତରେ ରଖିବାକୁ ହେବ। ସେ କାମ ମୁଁ କରିବି। ତୁ ଖାଲି ଗୁଣ୍ଡୁଚିମୂଷା ଲାଞ୍ଜ ଆଉ ସେ ମାଟି ଯୋଗାଡ଼ କର।'

ଯେମିତି ବିଚିତ୍ର ଲାଗିଥିଲା ସୁରଥର ପରାମର୍ଶ ସେତିକି କଠିନ ଏବଂ ବିର୍‌କିଟିଆ ଲାଗିଥିଲା ସେଇ ଜିନିଷଗୁଡ଼ିକ ଯୋଗାଡ଼ କରିବା କଥା ଭାବି। ଗୁଣ୍ଡୁଚିମୂଷା ବା ସେ ଧରି ପକାଇବ, ନଚେତ ମାରି ଆଣିବ। କିନ୍ତୁ ସୁଚୀର ପରିସ୍ରାଯୁକ୍ତ ମାଟି। ଛେଃ, କି କଥା!

କିନ୍ତୁ ସୁରଥର ପରାମର୍ଶକୁ ସମସ୍ତ ଚେଷ୍ଟା ସତ୍ତ୍ୱେ ମନରୁ ପୋଛି ପାରିଲାନି କାର୍ତ୍ତିକ। ସବୁବେଳେ ତା' ଆଖି ଆଗରେ ସୁଚୀର ହସହସ ମୁହଁ ଭାସିଉଠିଲା ଆଉ ତାକୁ ପାଇବା ଇଚ୍ଛା ସହ ତାବିଜ ଯୋଗାଡ଼ କରିବାର ଇଚ୍ଛା ଖୁବ୍ ବେଶୀ ତୀବ୍ର ହୋଇଗଲା। ଶେଷରେ କାର୍ତ୍ତିକ ସ୍ଥିର କଲା ଆଗ ଗୁଣ୍ଡୁଚିମୂଷାର ଲାଞ୍ଜ ଯୋଗାଡ଼ ଏବଂ ତା'ପରେ ମାଟି।

କିନ୍ତୁ ଗୁଣ୍ଡୁଚିମୂଷାର ଲାଞ୍ଜ ଯୋଗାଡ଼ କରିବାଟା କାର୍ତ୍ତିକ ଯେତିକି ସହଜ ଭାବିଥିଲା, ବାସ୍ତବରେ ତା'ସେତେ ସହଜ ନ ଥିଲା ଆଦୌ। କହିବାକୁ ଗଲେ ଗୁଣ୍ଡୁଚିମୂଷାକୁ ଧରିବାଟା କାର୍ତ୍ତିକ ପାଇଁ ସମ୍ପୂର୍ଣ୍ଣ ଏକ ଅସମ୍ଭବ ବ୍ୟାପାର ହୋଇଗଲା। ଧରିବା ଦୂରେ ଥାଉ, ତାକୁ ମାରିବାଟା ବି ତା' ପାଇଁ ଅତି କଷ୍ଟକର ମନେହେଲା। ବାରିରେ ଅନେକ ସମୟ ଅପେକ୍ଷା କଲାପରେ ହଠାତ୍ ଚଳଚଞ୍ଚଳ ଗୁଣ୍ଡୁଚିମୂଷାଟେ ଏଣେତେଣେ ଅନେଇ ମାଡ଼ି ଆସିଲାବେଳେ କାର୍ତ୍ତିକ ତରତର ହୋଇ ତା' ଆଡ଼େ ଉହୁଙ୍କି ଯାଉଥିଲା ପଥର କେତୁଟା ଧରି। ପଥର ପକାଇବା ପୂର୍ବରୁ ଟେର ପାଇ ଗୁଣ୍ଡୁଚିମୂଷାଟା ପୁଣି ଗଛ ଉପରକୁ ଚାଲି ଯାଉଥିଲା ଏବଂ ଗଛ ଉପରେ ଗୁଣ୍ଡୁଚିମୂଷାକୁ ଠାବ କରିବା କାର୍ତ୍ତିକ ପାଇଁ ଦୁରୂହ ବ୍ୟାପାର ହୋଇପଡୁଥିଲା।

ପାଖାପାଖି ଦେଢ଼ମାସ ଏଇମିତି ଗୁଣ୍ଡୁଚିମୂଷା ଶିକାରରେ ବିଫଳ ହୋଇ କାର୍ତ୍ତିକ ଏକରକମ ଭାଙ୍ଗିପଡ଼ିଥିଲା। ମଝିରେ ମଝିରେ ସୁରଥ ହିଁ ତାକୁ ଉତ୍ସାହ ଦେଉଥିଲା ଯାହା। ସୁଚୀକୁ କିନ୍ତୁ ତାବିଜ ସମ୍ବନ୍ଧରେ ଆଦୌ କିଛି ସଂକେତ ଦେଇପାରି ନ ଥିଲା କାର୍ତ୍ତିକ। ସମସ୍ତ ଚେଷ୍ଟା ସତ୍ତ୍ୱେ ତା'ର ଜିଭ ଲେଉଟି ନ ଥିଲା।

ଗୁଣ୍ଡୁଚିମୂଷାକୁ ଶିକାର କରିବା ରାସ୍ତାରେ ଯେ କେବଳ ଗୁଣ୍ଡୁଚିମୂଷାର କ୍ଷିପ୍ର ଗତି ଏବଂ ତୀକ୍ଷ୍ଣ ବୁଦ୍ଧି ଅନ୍ତରାୟ ହୋଇ ଛିଡ଼ା ହୋଇଥିଲା ତା' ନୁହେଁ, କାର୍ତ୍ତିକର ବାପା ବୋଉ ମଧ୍ୟ ତାକୁ ବାଧା ଦେଇଥିଲେ। ପ୍ରତ୍ୟହ ସକାଳେ ଓ ସଞ୍ଜରେ ସବୁ କାମ ଛାଡ଼ି ନିଶ ଗଜୁରୁଥିବା ବୟସରେ ହାଇସ୍କୁଲ ପଢୁଆ ପୁଅଟା ଗୋଟିଏ ଗୁଣ୍ଡୁଚିମୂଷା ପଛରେ ଦଉଡ଼ିବା ଏବଂ ତା' ଉପରେ ଟେକା ପକାଇବାର ବିଫଳ ପ୍ରୟାସ କରିବା କାର୍ତ୍ତିକର ପିତାମାତାଙ୍କୁ କେମିତି ବେଖାପ ଏବଂ ଅଡୁଆ ଅଡୁଆ ଜଣାପଡ଼ିଲା। ଆଉ କିଛି ବର୍ଷ ପୂର୍ବେ ପୁଅର ଏଭଳି କାର୍ଯ୍ୟଟି ହୁଏତ ସେମାନଙ୍କର ଆମୋଦର କାରଣ ହୋଇଥାଆନ୍ତା, କିନ୍ତୁ ଏ ବୟସରେ ଚିନ୍ତାର କାରଣ ହୋଇଗଲା। ବୋଉଙ୍କ ପାଖରୁ ବାପା ଏ ଖବରଟି ପାଇ ନିଜେ ଯାଞ୍ଚ କରି ତାକୁ କଡ଼ାକଡ଼ି ଭାବେ ଶୁଣାଇଦେଲେ, ସେ ଆଉ ବାରିକୁ ଯାଇପାରିବ ନାହିଁ। ଯଦି ବାରିରେ ଅକସ୍ମାତ୍ କୌଣସି କାମ ପଡ଼େ ବୋଉ ସାଙ୍ଗରେ ଯିବ।

ଗୁଣ୍ଡୁଚିମୂଷାର ଲାଞ୍ଜଟା ଯୋଗାଡ଼ ନ ହେଲେ ସୁଚୀ ଆଉ ତା'ର ହୋଇପାରିବ ନାହିଁ ଏବଂ ସବୁଦିନ ପାଇଁ ତାଠୁ ଦୂରେଇ ଯିବ- ଏମିତି ଗୋଟିଏ ଭୟରେ ଆକ୍ରାନ୍ତ ହୋଇ ଶେଷରେ କାର୍ତ୍ତିକ ଶରଣ ନେଇଥିଲା ସୁରଥ ପାଖରେ। ସୁରଥ ତାକୁ ଅଭୟ ଦେଇ କହିଥିଲା, ଖୁବ୍‌ଶୀଘ୍ର ସେ ଯୋଗାଡ଼ କରିଦେବ ଲାଞ୍ଜଟା। ମାତ୍ର ମାଟିଟା କାର୍ତ୍ତିକକୁ ହିଁ ଯୋଗାଡ଼ କରିବାକୁ ପଡ଼ିବ।

ତେବେ, ପରୀକ୍ଷା ମୁଣ୍ଡ ଉପରେ ଥିବାରୁ ପରୀକ୍ଷା ପରେପରେ ଲାଞ୍ଜଟା ଯୋଗାଡ଼ କରିବାର ଦୃଢ଼ ପ୍ରତିଶ୍ରୁତି ଦେଇଥିଲା ସୁରଥ। କାର୍ତ୍ତିକ ମଧ୍ୟ ସ୍ଥିର କଲା କିଛିଦିନ ପଢ଼ାପଢ଼ିରେ ମନ ଦେବ ଏବଂ ପରୀକ୍ଷା ପରେ ମାଟିଟା ଯୋଗାଡ଼ କରିବ ଯେତେ ଘୃଣା ଲାଗୁ ବା କଷ୍ଟକର ହେଉ ପଛେ।

ମାତ୍ର ଦିନେ ସୁରଥ କାର୍ତ୍ତିକକୁ ଖୁବ୍ ଉତ୍ତେଜିତ କଲା ଭଳି ସମ୍ବାଦଟେ ନେଇ ପହଞ୍ଚିଲା। ସେତେବେଳେ ପରୀକ୍ଷା ଆରମ୍ଭ ହେବାକୁ ମାତ୍ର ତିନିଦିନ ବାକି। କାର୍ତ୍ତିକ ଆଦୌ ଆଶା କରି ନ ଥିଲା ଏତେଶୀଘ୍ର ପୁଣି ପରୀକ୍ଷା ଆଗକୁ ଥିବାବେଳେ ସୁରଥ ଗୁଣ୍ଡୁଚିମୂଷାର ଲାଞ୍ଜଟା ଯୋଗାଡ଼ କରିଦେବ। ଲାଞ୍ଜଟା ସୁରଥ ହାତରେ ଦେଖିବା ପରେ କାର୍ତ୍ତିକ ଆଉ ସମ୍ଭାଳି ପାରିଲା ନାହିଁ। ପାଠ ପଢ଼ାପଢ଼ି ସମ୍ପୂର୍ଣ୍ଣ ଭୁଲିଗଲା। ସେଇ ଦିନଟାଯାକ ସେ ଚିନ୍ତାକଲା କେମିତି ସେଇ ଅରୁଚିପୂର୍ଣ୍ଣ, କିନ୍ତୁ ନିହାତି ଜରୁରୀ କାର୍ଯ୍ୟଟା ଶୀଘ୍ର କରିବ। ରାତିରେ ବହୁତ ସମୟ ଧରି ଭାବିଲା କାର୍ତ୍ତିକ। ଭାବିଲା ତା' ପରଦିନ ସକାଳୁ ଯିବ ସୁଚୀ ପାଖକୁ ଏବଂ କଥା ଛଳରେ ତାକୁ ପଚାରିବ...। କିନ୍ତୁ ସେ କେମିତି ପଚାରିବ? କ'ଣ ବା ପଚାରିବ? କ'ଣ ବୋଲି କହିବ? ତା'ର ଜିଭ ଲେଉଟିବନି ତ ଏଇ ଅସନା କଥାଟା କହିବାକୁ। ଝିଅପିଲାଟେ, ତାକୁ ସେ କେମିତି ତା' ପରିସ୍ରା କଥା ପଚାରିବ। ନା ହବନି। ବଡ଼ ହତାଶବୋଧ କଲା କାର୍ତ୍ତିକ। କିନ୍ତୁ ସୁଚୀର ଲଭ୍ କଥା ଖାସ୍ କରି ଭବିଷ୍ୟତରେ ହେବାକୁ ଥିବା ଦୁଇଜଣଙ୍କର ସମ୍ପର୍କ କଥା ଭାବି ସେ ନିଜକୁ ଦୃଢ଼ କଲା। ସ୍ଥିର କଲା, ଯାହା ହେଉପଛେ ସେ ସୁଚୀକୁ କହିଦେବ କଥାଟା ଏବଂ ତାରି ସାହାଯ୍ୟ ନେଇ ସେ ତାବିଜଟା ଗଢ଼ିବ।

ରାତିସାରା ଅନିଦ୍ରା ରହିବା ଫଳରେ ନାଲି ଦେଖାଯାଉଥିବା ଆଖିକୁ ଦେଖି ବୋଉ ତା'ର ସକାଳୁ ସକାଳୁ ପଚାରିଲା- 'କାର୍ତ୍ତିକ! ତୋ' ଦେହ ଭଲ ନାହିଁକିରେ? ଜର ହେଇଚି କି ଦେଖିବା ଆସିଲୁ?' କାର୍ତ୍ତିକ ଛାତିରେ, କପାଳରେ ହାତମାରି ଜର ଅଛି କି ନାହିଁ ଜାଣିବା ପାଇଁ ବୋଉ ଚେଷ୍ଟା କଲାବେଳେ କାର୍ତ୍ତିକ ମିଛର ସାହାଯ୍ୟ ନେଲା-'ନାଇଁମ ବୋଉ! ରାତିସାରା ପଢୁଥିଲି ତ ସେଇଥିପାଇଁ ନାଲି ହୋଇ ଯାଇଥିବ।' ଗୋଟିଏ ମିଛ ପରେ ଆଉ ଗୋଟିଏ ମିଛର ସାହାଯ୍ୟ ନେଲା କାର୍ତ୍ତିକ- 'ବୋଉ! ମୋର ବହିଟେ ସୁଚୀ ପାଖରେ ରହିଯାଇଛି। ଯାଉଛି ଆଣିବି ତା'ଠୁ।'

ସୁଚୀ ଘର ଆହୁରି କୋଡ଼ିଏ ଗଜ ଥିବ, କାର୍ତ୍ତିକ ହଠାତ୍ ଅନୁଭବ କଲା ତା'ର ଗୋଡ଼ ଆଉ ଆଗକୁ ଚାଲୁ ନାହିଁ ଏବଂ ତା' ଦେହରୁ ଗମ୍‌ଗମ୍ ଝାଳ ବାହାରୁଛି, ତଣ୍ଟି ଶୁଖିଯାଉଛି ଏବଂ ପାଟି ଅଠାଅଠା ଲାଗୁଛି। ତା'ର ମନେହେଲା ସତେ ଯେମିତି ହଠାତ୍ ତା' ଗୋଡ଼ ଦୁଇଟାର ସମସ୍ତ ଶକ୍ତି କିଏ କିମିଆ କରି ଛଡ଼େଇ ନେଇଛି। କିଛି ସମୟ ସେମିତି ରାସ୍ତାଟାରେ ଛିଡ଼ା ହୋଇ ରହିଲା କାର୍ତ୍ତିକ। ଭାବିଲା ସେଇଠୁ ଫେରିଯିବ ଘରକୁ। ପୁଣି ସୁଚୀ କଥା ଭାବି ସାହସ ବାନ୍ଧିଲା। ଧୀରେଧୀରେ ଗୋଡ଼ ଦୁଇଟାକୁ ଏକରକମ ଘୋଷାରି ଘୋଷାରି ସେ ଆଗେଇଲା।

ସୁଚୀ ଘର ଆଗରେ ପାହାଚ ଉପରେ ପାଦ ଥୋଇବାର ଚେଷ୍ଟା କରୁଥାଏ କାର୍ତ୍ତିକ, ଠିକ୍ ଏଇ ସମୟରେ ସୁଚୀ ତାକୁ ଦେଖି ପକାଇଲା ଝରକା ଫାଙ୍କରେ ଏବଂ ଡାକ ପକାଇଲା- 'କାର୍ତ୍ତିକ! ଏତେ ସକାଳୁ! ରହ ଆସୁଛି।'

ସୁଚୀ ପଦାକୁ ଆସିବା ପରେ କାର୍ତ୍ତିକ ହଠାତ୍ ଅନୁଭବ କଲା ତା'ର ବଳ ଫେରିଆସିଛି। ସଟ୍‌ସଟ୍ ପାହାଚ ଚଢ଼ି ଡ୍ରଇଂରୁମ୍ ଭିତରକୁ ପଶିଗଲା ସୁଚୀ ସାଙ୍ଗରେ। ଖୁବ୍ କମ୍ ବୟସରୁ ସୁଚୀ ଓ କାର୍ତ୍ତିକ ପରସ୍ପରର ଜଣାଶୁଣା ଥିବାରୁ ଏବଂ ଖୁବ୍ ଛୁଆବେଳୁ କାର୍ତ୍ତିକ ସୁଚୀ ଘରକୁ ଯା'ଆସ କରୁଥିବାରୁ କାର୍ତ୍ତିକର ଉପସ୍ଥିତିଟାକୁ ସୁଚୀ ପରିବାରର ସଭ୍ୟମାନେ ଅତି ସହଜ ଭାବରେ ଗ୍ରହଣ କରି ନେଇଥାଆନ୍ତି। ଡ୍ରଇଂରୁମ୍‌ର ଗୋଟିଏ ଚେୟାର୍‌ରେ କାର୍ତ୍ତିକକୁ ବସିବାକୁ କହି ନିଜେ ପାଖ ଚେୟାର୍‌ରେ ବସି ସୁଚୀ କହିଲା- 'ତୁ କେମିତି ପଢ଼ାପଢ଼ି କରିଛୁ? ମୋର ତ ଆଦୌ କିଛି ମନେରହୁନି। ଦି' ଦିନ ପରୀକ୍ଷା ରହିଲା, କ'ଣ ଯେ କରିବି?'

ଝିଅପିଲାମାନେ ପରୀକ୍ଷା ପୂର୍ବରୁ ପ୍ରାୟ ଏମିତି କହିଥାଆନ୍ତି- ଏଇଟା କାର୍ତ୍ତିକ ବେଶ୍ ଜାଣିଥିଲା ଏବଂ ଅନ୍ୟଦିନ ହୋଇଥିଲେ ଏଇ କଥାଟିକୁ ନେଇ ଟିକିଏ ଥଟ୍ଟା କରି ସେ ସୁଚୀକୁ ନିଶ୍ଚେ ଚିଡ଼େଇଥାଆନ୍ତା, କିନ୍ତୁ ସେଦିନ ତା' ନିଜ ଅବସ୍ଥା ଭଲ ନ ଥିବାରୁ କିଛି ନ କହି ସେମିତି ଚୁପ୍ ହୋଇ ବସି ରହିଲା ଏବଂ ଭାବି ଚାଲିଲା କେମିତି ତା' କଥାଟି ସୁଚୀ ଆଗରେ ଉପସ୍ଥାପନ କରିବ। ତା'ର ଏଇ ଅବସ୍ଥା ଦେଖି ସୁଚୀ ପ୍ରଶ୍ନ କଲା- ''ତୋ' ଦେହ ଭଲ ନାହିଁ କି? ଏମିତି ଶୁଖିଲା ଶୁଖିଲା ଦେଖାଯାଉଛୁ। ଆଖି ବି ନାଲିନାଲି ଦେଖାଯାଉଛି। କ'ଣ ହୋଇଛି?''

'କିଛି ନାହିଁ'- ଖୁବ୍ ଛୋଟ ଉତ୍ତରଟିଏ ଦେଇ ହସିବା ପାଇଁ ଚେଷ୍ଟା କଲା କାର୍ତ୍ତିକ। କହିଲା- 'ଗିଲାସେ ପାଣି ଦେବୁ। ରାତିସାରା ପଢ଼ିପଢ଼ି ସେମିତି ହେଉଛି।'

ଏଥର ହସିଲା ସୁଚୀ। ହେଇଥିବ। ପରୀକ୍ଷା ମୁଣ୍ଡ ଉପରେ ତ। ଏ ଟୋକା ରାତି ବିତେଇଥିବ ପଢ଼ିପଢ଼ି। କହିଲା- 'ପାଣି କାହିଁକି! ତୁ ବସ୍ ମୁଁ ସ୍କ୍ୱାସ୍ ଆଣୁଛି।'

ଅଳ୍ପ ସମୟ ରିହାତି ପାଇଯାଇଥିବାରୁ ଆଶ୍ୱସ୍ତ ମନେକଲା କାର୍ତ୍ତିକ। ସୁଚୀ ସ୍କ୍ୱାସ୍ ପାଇଁ ଭିତରକୁ ଯିବା ପରେ ଚେୟାର୍‌ରେ ମୁଣ୍ଡ ଆଉଜି ଚିନ୍ତାକଲା କେମିତି କଥା ଆରମ୍ଭ କରିବ। ବେଶି ଡେରି ହେଲେ ଆଉ ବୋଧେ କହିପାରିବ ନାହିଁ। ତେଣୁ ସାହସ ସଞ୍ଚୟ କରି ସ୍କ୍ୱାସ୍ ପିଇସାରିବା ପରେ ଧଡ଼ାଧଡ଼ ପଚାରିଦେବ। ହଃ ରାଗିଲେ ରାଗିବ! ଆପଣାର ସୁଚୀ ତ!

☞ପୃଷ୍ଠା-୬



# ସରଳତାର ସୌନ୍ଦର୍ଯ୍ୟ

ଡ. ସୁଲୋଚନା ଦାସ

ସ୍ୱାଧୀନତାର ସତୁରି ବର୍ଷ ପରେ ୧୯୨୫ ମସିହାର ଗୋଟିଏ ସତ୍ୟ ଘଟଣା ଏଠାରେ ଅବତାରଣା କରୁଛି। ନିଷ୍ଠା, ଆନ୍ତରିକତା, ଶ୍ରଦ୍ଧା, ଭକ୍ତି ଓ ସରଳତା କାହାକୁ କୁହାଯାଏ ଏବଂ ତାହାକୁ କିପରି ଆଚରଣରେ ସିଦ୍ଧ କରିବାକୁ ହୁଏ ; ତାହାର ଉଦାହରଣ ଏଇ ଘଟଣାଟି।

ବିଲାତ ନୌବାହିନୀର ଜଣେ ଆଡ୍‌ମିରାଲ୍‌ଙ୍କ କନ୍ୟା ମିସ୍ ମାଡେଲିନ୍ ଶ୍ଲେଡ୍। ମାତ୍ର ପନ୍ଦର ବର୍ଷ ବୟସରେ ତାଙ୍କ ଅନ୍ତଃସତ୍ତାରେ ଆଧ୍ୟାତ୍ମିକ ଦିବ୍ୟ ଚେତନାର ପ୍ରକାଶ ଘଟିଲା। ଫ୍ରାନ୍ସର ଦାର୍ଶନିକ ରୋମାରୋଲାଙ୍କ ଦ୍ୱାରା ଲିଖିତ 'ମହାତ୍ମା ଗାନ୍ଧୀ' ଗ୍ରନ୍ଥଟି ପଢ଼ିବାର ସୁଯୋଗ ପାଇଲେ। ସେହି ମୁହୂର୍ତ୍ତରୁ ସେ ସ୍ଥିର କରିନେଲେଯେ ମହାତ୍ମା ଗାନ୍ଧୀଙ୍କ ସହଯୋଗୀ ଓ ସେବିକା ଭାବରେ ସେ ଭାରତ ବର୍ଷକୁ ଆସି କାର୍ଯ୍ୟ କରିବେ। ଇଂଲିଶ୍ ଓ ଫରାସୀ ଭାଷାରେ ଗାନ୍ଧୀଙ୍କ ସମ୍ବନ୍ଧରେ ଯେଉଁଠି ଯାହା ଲେଖା ପ୍ରକାଶିତ ହୋଇଥିଲା, ସେସବୁକୁ ପଢ଼ିନେଲେ। ଶ୍ରୀମଦ୍‌ଭଗବଦ୍ ଗୀତା, ଉପନିଷଦ ଏବଂ ବେଦର ଇଂଲିଶ୍ ଅନୁବାଦ ସବୁ ପଢ଼ିଲେ। ଭାରତରେ ଚଳିବା ପାଇଁ ନିଜକୁ ପ୍ରସ୍ତୁତ କରିସାରି ସେ ଗାନ୍ଧୀଙ୍କୁ ଚିଠି ଲେଖିଲେ। ଉତ୍ତର ପାଇବା ପରେ ଜାହାଜରେ ଆସି ବମ୍ବେ ଓ ବମ୍ବେରୁ ଅହମ୍ମଦାବାଦ ଆସିଲେ। ତାଙ୍କୁ ପାଛୋଟି ଆଣିବା ପାଇଁ ରେଲଷ୍ଟେଶନକୁ ଯାଇଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ମହାଦେବ ଦେଶାଇ। କୁମାରୀ ଶ୍ଲେଡ୍ ସାବରମତୀରେ ପହଞ୍ଚିବା ପରେ ଗାନ୍ଧିଜୀଙ୍କ ପାଦତଳେ ନିଜକୁ ଲୋଟାଇ ଦେଲେ। ଗାନ୍ଧୀ ତାଙ୍କୁ ଭୂଇଁରୁ ଉଠାଇ କହିଥିଲେ–


> "ବିଶ୍ୱମାନବ ମହାତ୍ମା ଗାନ୍ଧୀଙ୍କର ଦେଢ଼ଶହତମ ଜୟନ୍ତୀ ଏଇ ଅକ୍ଟୋବର ୨ରୁ ପାଳିତ ହେଉଛି। ଦୁଇବର୍ଷ ପାଇଁ ପାଳନ ହେବାର ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। 'ସରଳତାର ସୌନ୍ଦର୍ଯ୍ୟ' ରମ୍ୟ-ଆଲେଖ୍ୟଟିର ଆଧାର ଗାନ୍ଧୀ ଓ ମୀରାବେନ୍ ପ୍ରସଙ୍ଗ। ଏହି କାରଣରୁ ସମୟୋଚିତ ବି..."

ଆଜିଠୁ ତୁମେ ମୋର ଝିଅ ହେଲ। ପରବର୍ତ୍ତୀ ସମୟରେ ସମସ୍ତେ ତାଙ୍କୁ 'ମୀରାବେନ୍' ବୋଲିସମ୍ବୋଧନ କଲେ। ମୀରାବେନ୍ଅର୍ଥ ମୀରା ଭଉଣୀ। ଦୀର୍ଘ ବାଇଶ ବର୍ଷ କାଳ ସେ ଗାନ୍ଧିଜୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ଭାରତର ସ୍ୱାଧୀନତା ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହେବାର କାରଣ ସେ ଜାତିର ପିତା ଗାନ୍ଧିଜୀଙ୍କୁ ପ୍ରଗାଢ଼ ଭକ୍ତି ଓ ନିଷ୍ଠାର ସହିତ ସେବା ଏବଂ ସହଯୋଗ କରୁଥିଲେ। ତାଙ୍କ ସରଳତା ବି ଥିଲା ଆଦର୍ଶସ୍ଥାନୀୟ।

ଏହାକୁ ହିଁ କୁହାଯାଏ ପ୍ରକୃତ ସାଧନା। ମୀରାବେନ୍‌ଙ୍କ ସମ୍ପର୍କରେ ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି, ଆଜିକାଲିର ଝିଅମାନେ ଅବଶ୍ୟ ବହୁତ ପାଠଶାଠ ପଢ଼ି ସମାଜରେ ପ୍ରତିଷ୍ଠିତ ହେଲେଣି। କିନ୍ତୁ ସେମାନଙ୍କ ଭିତରେ ସରଳତା ଅପେକ୍ଷା ଅହଂକାର ମାତ୍ରାଧିକ ଭାବରେ ଦେଖାଯାଉଛି। ସରଳତା ସମ୍ପର୍କରେ ମହାନ୍ ଦାର୍ଶନିକ ଜେ. କ୍ରିଷ୍ଣମୂର୍ତ୍ତି କହନ୍ତି– ''ଅନ୍ତର ଭିତରର ସରଳତା ଧନ ସମ୍ପତ୍ତିର ସରଳତା ଅପେକ୍ଷା ଯଥେଷ୍ଟ ବେଶୀ ଗୁରୁତ୍ୱପୂର୍ଣ୍ଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ।'' ନିଜ ଭିତରର ଯାବତୀୟ କାଳିମାକୁ ଦୂର ନ କରି ବାହାରେ ବେଶପୋଷାକ, କଥାବାର୍ତ୍ତା, ଚାଲିଚଳଣ, ଖାଦ୍ୟପେୟରେ ଯେତେ ସରଳ ହେବାକୁ ଚେଷ୍ଟା କଲେ ବି ତା'ର ମୂଲ୍ୟ କିଛି ହୁଏନାହିଁ। ଏ ପ୍ରକାର ବାହାରିଆ ଲୋକଦେଖାଣିଆ ସରଳତା ବେଶ୍ ମାରାତ୍ମକ ହୋଇଥାଏ। ମୀରାବେନ୍ ଐଶ୍ୱର୍ଯ୍ୟ, ଭୋଗବାସନାର

## ରମ୍ୟ-ଆଲେଖ୍ୟ

ଦୂଳୀତଳ୍ପରୁ ଓହ୍ଲାଇ ଆସି ଯେଉଁ ସରଳ ଜୀବନକୁ ଆଦରି ନେଇଥିଲେ, ବସ୍ତୁତଃ ତାହା ଥିଲା ଅନ୍ତରର ସରଳତା। ଭାରତୀୟ ସଂସ୍କୃତି, ଅଭ୍ୟନ୍ତରର ସରଳତା ଓ ସାଧନା ଉପରେ ଗୁରୁତ୍ୱ ଦେଇଆସିଛି। କିନ୍ତୁ ଆଜିକାଲିର ମହିଳାମାନେ ଉଗ୍ର ଆଧୁନିକତା ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି। ବଜାରରେ ମିଳୁଥିବା ପ୍ରସାଧନ ସାମଗ୍ରୀ ଓ ରୁଚିହୀନ ବେଶପୋଷାକ ସେମାନଙ୍କୁ ଅଧିକ ପ୍ରଲୋଭିତ କରୁଛି। ଏ ସବୁକୁ ସେମାନେ ଅତ୍ୟାଧୁନିକତା ଭାବୁଛନ୍ତି। ଉପଭୋକ୍ତାବାଦ ଚତୁର୍ଦ୍ଦିଗରେ ଯେଉଁ ଭୋଗର ବିପଣୀ ଖୋଲି ଦେଇଛି, ତାହା ଉଗ୍ର ଆଧୁନିକତା ଆଡ଼କୁ ବାଟ କଢ଼ାଇ ନେଉଛି, ଯାହା ଆମ୍ଭର ସୌନ୍ଦର୍ଯ୍ୟ ଓ ନାରୀତ୍ୱର ମହିମାକୁ ମ୍ଳାନ କରିଦେଉଛି। ଅନ୍ୟପକ୍ଷରେ ସେମାନେ ଯେଉଁ ଅର୍ଥ ଓ ପ୍ରତିଷ୍ଠାର ଅଧିକାରିଣୀ ହେଉଛନ୍ତି, ତାହା ଅନ୍ତଃସାରଶୂନ୍ୟ ହୋଇଯାଉଛି। ଅହଂକାର ଚିରକାଳ ପ୍ରକୃତ ସରଳତାର ପଥରୋଧ କରିଥାଏ। ଅହଂ ବିବର୍ଜିତ ନ ହେଲେ ଈଶ୍ୱରଙ୍କ କରୁଣା ଲାଭ କରିବା ଅସମ୍ଭବ। ସେଥିପାଇଁ ଅନ୍ତରର ସରଳତା ହିଁ ଆଧ୍ୟାତ୍ମିକ ମାର୍ଗରେ ଜୀବନକୁ ଆଗେଇ ନେଇଥାଏ।



ଗଛବୃଛରେ ଫୁଲଫଳର ସମ୍ଭାର, ଚଢ଼େଇଙ୍କର ଚୁପ୍‌ଚାପ୍ ସଂଗୀତ, ଗାଈ ପଛେ ପଛେ ହମା ରଡ଼ି କରି ଯାଉଥିବା ବାଛୁରୀ, ଗୁଣ୍ଡୁଚିମୂଷାର ଚିର୍‌ଚିର୍ ଶବ୍ଦ, ତା' ଧାଁ ଦଉଡ଼, ଆଉ ରହିରହି ରୁମରୁମିକା ଲାଞ୍ଜ ଫୁଲା, ଆକାଶରେ ରଙ୍ଗବେରଙ୍ଗ ମେଘମାଳାର ଅହରହ ରୂପ ପରିବର୍ତ୍ତନ ଓ ଇନ୍ଦ୍ରଧନୁର ଛଟା, ସମୁଦ୍ର ଛୁଇଁ ବହି ଆସୁଥିବା ଶୀତଳ ପବନ, ବର୍ଷାଭିଜା ମାଟିର ବାସ୍ନା, ପାହାଡ଼ ପର୍ବତାବଳୀର ଧ୍ୟାନସ୍ଥ ଯୋଗାସନ, ମଣିଷଙ୍କ କୋଳାହଳ... ଏମିତିରେ ଅସୁମାରି ରୂପ ଏଇ ସରଳ ବିଶ୍ୱପ୍ରକୃତିର। ସେଇଥିପାଇଁ ସେ ଈଶ୍ୱରୀ, ସେ ମାହେଶ୍ୱରୀ। ଏଇ ସରଳତା ହେଉଛି ତା'ର ସୌନ୍ଦର୍ଯ୍ୟ, ତା'ର ଅସୀମ ଶକ୍ତି।

– ଜେତବନ, ଶ୍ରୀରାମ ନଗର, ବାଦାମବାଡ଼ି, କଟକ-୧୨

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

## ତାବିଜ, ଗୁଣ୍ଡୁଚିମୂଷା...

ସ୍କାସ୍ ପିଇ ସାରିବା ପରେ ସତକୁ ସତ କାର୍ତ୍ତିକ ଆରମ୍ଭ କଲା– 'ସୁଟୀ ତୋତେ ଗୋଟିଏ କଥା ପଚାରିବି, ରାଗିବୁନି ତ!'

ଆଶ୍ଚର୍ଯ୍ୟ ହେଲା ସୁଟୀ– ଇଏ ପୁଣି କି କଥା! ଏମିତି ତ ଆଗରୁ କେବେ କହି ନ ଥିଲା କାର୍ତ୍ତିକ। କହିଲା– 'ରାଗିବି କାହିଁକି ଯେ! ପଚାରୁନୁ।'

ଛେପ ଢୋକି କାର୍ତ୍ତିକ କହିଲା– 'ମୋ ରାଣ।'

ଖୁବ୍ ସାହସ ସଞ୍ଚୟ କରି କାର୍ତ୍ତିକ ଆରମ୍ଭ କଲା– 'ତୁ ସୁରଥକୁ ଜାଣିଛୁ।'

ସୁରଥ ନାଁଟା ଶୁଣି ତମ୍ପ ଭଳି ଚିହିଁକି ଉଠିଲା ସୁଟୀ– 'ତୁ ସେଇ ନାଁଟା ମୋ' ଆଗରେ ଧରିବୁନି। ଲଫଙ୍ଗା କୋଉଠିକାର। ଆଜିକାଲି ମୋତେ ଦେଖି ମୁରୁକି ମୁରୁକି ହସୁଛି। ବଜାରି, ଛତରା। ତୁ ବି ଆଜିକାଲି ଭାରି ସାଙ୍ଗ ହଉଛୁ ତା'ର।'

କାର୍ତ୍ତିକର ସଞ୍ଚିତ ସବୁ ସାହସ ବେଲୁନ୍‌ରେ ଛୁଞ୍ଚିମାରିଲେ ବେଲୁନ୍ ଅବସ୍ଥା ଭଳି ସୁଟୀର ଏଇ ଚରମ ବିରକ୍ତି ମିଶ୍ରିତ କଥା କେଇ ପଦରେ ଉଭେଇଗଲା। ପାଟି ଖନି ମାରିଗଲା। ବଡ଼ କଷ୍ଟରେ କହିଲା– 'ନାଇଁ, ସୁରଥ କଥା କାହିଁକି କହୁଥିଲି କି ସେଟା ମୋତେ ବି ଭାରି ହଇରାଣ କରୁଛି। ହଉ ଛାଡ଼, ଇଂଲିଶ୍ କି' ବହିଟା ଦେଲୁ। ସଞ୍ଜୀକୁ ପଠାଇଦେବି କା' ହାତରେ। ସେଇଥିପାଇଁ ଆସିଥିଲି।'

ଫେରିବା ରାସ୍ତାରେ ଠିକ୍ କଲା କାର୍ତ୍ତିକ– 'ଏବେ ନୁହେଁ। ପରୀକ୍ଷା ସରୁ ତା' ପରେ।'

ଠିକ୍ ପରୀକ୍ଷା ସରିବା ଦିନ ସନ୍ଧ୍ୟାରେ ସୁଟୀ ଘର ଚାକର ଆସି ଖବର ଦେଲାଯେ ସୁଟୀ ଦେଈ ତାକୁ ଡକେଇ ପଠେଇଛନ୍ତି। ଆଶ୍ଚର୍ଯ୍ୟ ଏବଂ ଆନନ୍ଦର ଏକ ମିଶ୍ରିତ ପ୍ରକ୍ରିୟା ତାକୁ କିଛି ସମୟ ସ୍ତବ୍ଧ କରିଦେଲା। ତା'ପରେ ଏକରକମ ଦଉଡ଼ି ଦଉଡ଼ି ସେ ପହଞ୍ଚିଗଲା ସୁଟୀ ଘରେ। ସୁଟୀକୁ ଭେଟୁଭେଟୁ ପଚାରିଲା– 'କେମିତି ହେଇଛି ପରୀକ୍ଷା।'

'ଭଲ ହୋଇଛି। ତୁ ବସିଥା' ଏଠି। ମୁଁ ଆସୁଛି।'

କାର୍ତ୍ତିକ ସ୍ଥିର କଲା ଆଜି ନିଶ୍ଚୟ କହିଦେବ ତା' ଭିତରେ ଚାପି ହୋଇ ରହି ତାକୁ ଯନ୍ତ୍ରଣା ଦେଉଥିବା ତାବିଜର ରହସ୍ୟଟା। କିନ୍ତୁ ଯୋଉ ମୁହୂର୍ତ୍ତରେ ତାବିଜ କଥା ତା' ମୁଣ୍ଡକୁ ପଶିଲା, ସେଇ ମୁହୂର୍ତ୍ତରୁ ତା'ର ଦେହ ଅବଶ ହେବାକୁ ଲାଗିଲା। ତା'ର ଗୋଡ଼ହାତ ଥରିଗଲା ଭିତରେ ଭିତରେ। କଣ୍ଠ ଶୁଖିଲା ଶୁଖିଲା ଏବଂ ପାଟି ଅଠାଅଠା ଲାଗିଲା। ତଥାପି କାର୍ତ୍ତିକ ସାହସ ସଞ୍ଚୟ କରି ନିଜକୁ ପ୍ରସ୍ତୁତ କଲା।

ପ୍ରାୟ ପାଞ୍ଚ ସାତ ମିନିଟ୍ ପରେ ସୁଟୀ ପଶିଆସିଲା ଡ୍ରଇଂରୁମ୍ ଭିତରକୁ ହାତରେ ଥାଳିଆଟେ ଧରି। ମିଠା କିଛି ସଜା ହୋଇ ରଖାଯାଇଥିଲା ଥାଳିଆରେ।

'ଆଁ କଲୁ'– ସୁଟୀ ଅନୁରୋଧ କଲା।

ଆଁ କରୁକରୁ ତା' ପାଟିରେ ମିଠାଟିଏ ଗୁଞ୍ଜିଦେଲା ସୁଟୀ ଏବଂ ଖିଲିଖିଲି ହୋଇ ହସିଉଠିଲା। ସେମିତି ହସିହସି କହିଲା– 'ଗତକାଲି ରାତିରେ ମୋର ନିର୍ବନ୍ଧ ହୋଇଯାଇଛି।'

ନିର୍ବନ୍ଧ ଶବ୍ଦଟି ସୁଟୀ ମୁହଁରୁ ବାହାରି କାର୍ତ୍ତିକ ମନ ଭିତରେ ନିଜକୁ ବୋଧଗମ୍ୟ କରାଇବାରେ ଯେତିକି ସମୟ ଲାଗିବ, କେବଳ ସେତିକି ସମୟ କାର୍ତ୍ତିକ ମିଠାଟିକୁ ଚୋବାଇଲା ଏବଂ ତା'ପରେ ହଠାତ୍ ଚଳମାନ ମେଶିନ୍‌ର ସ୍ୱିଚ୍ ଅଫ୍ କରିଦେଲେ ମେଶିନ୍‌ଟି ଯେମିତି ବନ୍ଦ ହୋଇଯାଏ, କାର୍ତ୍ତିକ ସେମିତି କାଠ ହୋଇଗଲା। କେବଳ ତା'ର ଆଖି ଯୋଡ଼ାକ ବଲବଲ ଅନେଇ ରହିଲେ ସୁଟୀକୁ।

ସୁଟୀ ଲାଜରା ଲାଜରା ହୋଇ ମୁଣ୍ଡପୋତି କହିଲା– 'ବାହାଘର ଏବେ ହେଉନି ମ। ଦି' ବର୍ଷ ପରେ ହେବ। ସେ ବି.ଏ. ପାସ୍ କରିଛି। ଏମ୍.ଏ. ସଇଲେ ବାହାଘର ହେବ।'

କାର୍ତ୍ତିକର ମନେହେଲା, ତା' ଛାତି ଭିତରେ ହଠାତ୍ ଗୋଟିଏ ଭୂମିକମ୍ପ ହେଇଗଲା। ତାକୁ ସବୁ ଅନ୍ଧାର ଦେଖାଗଲା। ସଂଜ୍ଞା ଲୋପ ପାଇବା ପୂର୍ବରୁ ସୁଟୀର 'ବୋଉ ଲୋ' ଚିତ୍କାର ଶୁଣି ପାରିଥିଲା କାର୍ତ୍ତିକ।

ସୁଟୀ ଏବଂ କାର୍ତ୍ତିକ ପରିବାରର ସମସ୍ତେ ଧରିନେଲେ ଯେ ପରୀକ୍ଷାଜନିତ ମାତ୍ରାଧିକ ପରିଶ୍ରମର ଫଳସ୍ୱରୂପ କାର୍ତ୍ତିକ ଦୁର୍ବଳ ହୋଇ ଯାଇଥିଲା ଏବଂ ସଂଜ୍ଞା ଲୋପ ପାଇବା ସେଇ ଦୁର୍ବଳତାର କାରଣ। ଉଭୟ ସୁଟୀ ଏବଂ କାର୍ତ୍ତିକର ବୋଉ ନିଜନିଜ ପରିବାରରେ ଅନ୍ୟମାନଙ୍କ ଆଗରେ କାର୍ତ୍ତିକର ରାତି ଅନିଦ୍ରା ଏବଂ ଆଖି ଲାଲ ହେବା ପ୍ରସଙ୍ଗ ଉତ୍‌ଥାପନ କରି ସେମାନଙ୍କର ଯୁକ୍ତିକୁ ବଳବତ୍ତର କରିଥିଲେ।

ସେଇ ଛୁଟିରେ ଯେତେବେଳେ ସୁରଥ ତାବିଜ ଆଉ ଗୁଣ୍ଡୁଚିମୂଷାର କଟା ଲାଞ୍ଜ ଆଣି କାର୍ତ୍ତିକକୁ ଦେଲା, କେଜାଣି କାହିଁକି କାର୍ତ୍ତିକ ତାକୁ ବାରଣ କରିପାରିଲା ନାହିଁ। ସେଦିନ ରାତିରେ ତାବିଜ ଆଉ ଲାଞ୍ଜ ଗୁଡ଼ାହୋଇଥିବା କାଗଜ ପୁଡ଼ିଆକୁ ଛାତି ଉପରେ ଚାପି ଧରି ଅନେକ ସମୟଯାଏ ନୀରବରେ ଅଶ୍ରୁ ବିସର୍ଜନ କରିଥିଲା ସେ।

ଆଜି କାର୍ତ୍ତିକର ବୟସ ଚାଳିଶ ପାଖାପାଖି। ତିନୋଟି ସନ୍ତାନର ଜନକ। ସୁଟୀ ବି ଦରବୁଢ଼ୀ।

କିନ୍ତୁ କାର୍ତ୍ତିକ କୁହେ ଆଜି ବି ସେ ତାବିଜ ଓ ଶୁଖିଲା ଗୁଣ୍ଡୁଚିମୂଷା ଲାଞ୍ଜ ତା' ବାକ୍ସ ଭିତରେ ସାଇତି ରଖିଛି। ମନ ଉଚ୍ଚାଟ ହେଲେ ବେଳେବେଳେ ତା'ର ଇଚ୍ଛା ହୁଏ ସୁଟୀ ପାଖକୁ ଯାଇ ତା'ଠୁ ସଂଗ୍ରହ କରି ଆଣନ୍ତା ସେଇ ମାଟି ଏବଂ ତାବିଜ ପିନ୍ଧି ସୁଟୀ ଆଗରେ ବଖାଣି ଦିଅନ୍ତା ତା'ର 'ଲଭ୍' କଥା।

ସ୍ତ୍ରୀ କେବେ କେମିତି ସେ ତାବିଜ ଆଉ ଲାଞ୍ଜ କଥା ପଚାରିଲେ କାର୍ତ୍ତିକ ଉତ୍ତର ଦିଏ ଛୁଆବେଳେ ତା'ର ଛାତି ଧଡ଼ଧଡ଼ ବେମାରି ଥିଲା, ଏ ତାବିଜଟା ସେଇ ବେମାରିର ମହୌଷଧି।






# କିଏ ଟିକେ...

## ଅସୀମା ସାହୁ



ଫୁଲକୁ କୁହନା
ସେମିତି ଚହଟୁଥାଉ
ବରଂ ଜାବୁଡ଼ିଧରୁ ଡେଙ୍ଗର ହାତ
ଇନ୍ଦ୍ରଧନୁକୁ କୁହନା
ବର୍ଣ୍ଣାଳିରେ ଝଟକୁଥାଉ
ବରଂ ଲଟକି ରହୁ
ଆକାଶର ଫୁଙ୍ଗୁଳା ଛାତିରେ
କୁହନା ଶ୍ୟାମଳୀ ରଙ୍ଗର ଗହମକୁ
ଲହଡ଼ି ଭାଙ୍ଗୁଥାଉ ତା' ମାଂସଳ ଦେହ

ଭଲ ଲାଗନ୍ତା ମାଟିକୁ ବି
କିଏ ବିଷ ଯଦି ନ ବୋଳନ୍ତା...

ଭାରି ଧୂଳିଧୂଆଁ ଏଠି
ରେଶମୀ କାଶତଣ୍ଡୀର ମଖମଲି ପଙ୍ଖ
ଅଧା ପୋଡ଼ା, ମସିଆ
ଖଜୁର ଗଛର ସ୍ତନକୁ
ରସ ପାଇଁ ନିର୍ଦ୍ଦୟରେ
ହାଣି ପକଉଛି ଟାଙ୍ଗିଆ...

ଈପ୍‌ସିତ ଇଲାକାକୁ କିଏ ଟିକେ
ରଙ୍ଗେଇ ଦିଅନ୍ତାନି
ଭରା ଗଛର ଦେହରେ ଫୁଲ ଫୁଟନ୍ତାନି
ହାତୀ ବାଘ ଛବିରୁ ଓହ୍ଲାନ୍ତେ
ମାଛ ବି ଅଣ୍ଟା ଦୋହଲେଇ ଫୁଲେଇ ହୁଅନ୍ତା
ଆଉ ଚଢ଼େଇ ଫୁର୍...।।

– ମଧୁବନ, ବାରିପଦା, ମୟୂରଭଞ୍ଜ

# ଚାଷୀ

## ବିନ୍ଦୁସାଗର ଓଝା



ମୁଁ ଦୁନିଆକୁ ଚାହିଁଲି
ମଡ଼ ପରି ପଚିପଚି ;
ହେଲେ ଦୁନିଆ
ମୋତେ ଚାହିଁଲାନି।

ଆଜି ବୁଝୁଛି
ମୁଁ ଅପାଙ୍‌କ୍ତେୟ
ସେଇଥିପାଇଁ ଦୁନିଆ ମୋତେ
ଫିଙ୍ଗି ଦେଇଛି ଅପନ୍ତରାକୁ।

ପ୍ରଗତିର ଚକ ତଳେ
ମୁଁ ଭଗ୍ନ, ଚୂର୍ଣ୍ଣ
ମୁଁ ସର୍ବନିମ୍ନ।

– ମୁକୁନ୍ଦପୁର, ଅଚ୍ୟୁତପୁର, ରାଜକନିକା, କେନ୍ଦ୍ରାପଡ଼ା

# ତିନୋଟି ହିନ୍ଦୀ କବିତା

**ଅନୁବାଦ: ମୃଣାଳ**

## ପ୍ରେମ

### ସୁନୀଲ ମିଶ୍ର

।।୧।।
ତୁମେ ପ୍ରେମର ସଉଦା ବି
ବଡ଼ ସରଳ ଭାବେ କର ପ୍ରିୟତମା
ବାସ୍, ଟିକେ ହସି ଦିଅ
ଆଉ ମୋତେ କିଣି ନିଅ।
।।୨।।
ଶୁଣୁଛି ତମ ସହରରେ ଖୁବ୍ ବର୍ଷା
ବେଶୀ ଭିଜିବନି
ଯଦି ସବୁ ଭୁଲ୍ ବୁଝାମଣା ଧୋଇଗଲା
ତେବେ ମୁଁ ଖୁବ୍ ମନେପଡ଼ିବି।
।।୩।।
ଅଙ୍ଗେନିଭା କଷ୍ଟ କଥା କବିତାରେ
କହନାରେ ବାଇମନ
ଲୋକେ ତାକୁ ନିଜ କଥା ବୋଲି ଭାବି
ଦୁଃଖରେ ବତୁରି ଯିବେ।

## ବର୍ଷା

### ଅନୁପମା

କାଲି ମୁଁ ବି
ରାସ୍ତାରେ ଜମିଥିବା ବର୍ଷା ପାଣିରେ
କୁଦି ପଡୁଥିଲି
ଆଜି ଏ ପାଣିରେ ମୁଁ
କୀଟାଣୁ ଦେଖିବା ଶିଖିଗଲିଣି।
କାଲି ଡର ଥିଲା: ମା' କ'ଣ କହିବ
ଆଜି ବର୍ଷା ଛିଟାରୁ
ମୋବାଇଲ୍‌କୁ ବଞ୍ଚେଇବା ଶିଖିଗଲିଣି।
କାଲି ଠାକୁରଙ୍କୁ ଡାକୁଥିଲି:
ଜୋର୍ ବର୍ଷା କରେଇ ଦିଅ ପ୍ରଭୁ
ସ୍କୁଲ୍ ଛୁଟି ହୋଇଯାଉ।
ଏବେ ଠାକୁରଙ୍କୁ ଡାକୁଛି:
ବର୍ଷା ବନ୍ଦ ହୁଅନ୍ତା କି!
ଅଫିସ ଯାଇ ନ ପାରିଲେ
ଦରମା କଟିବ ଯେ!
ବର୍ଷା ଏବେ ବି ବର୍ଷୁଛି
ମୋ' ପିଲାଦିନ ଭଳି
ହେଲେ ମୁଁ କାଗଜଡଙ୍ଗା ତିଆରିବା
ଭୁଲିଗଲିଣି।

## ଶିମିଳି ଫୁଲ

### ନନ୍ଦିତା ଶର୍ମା

ଶୁଖିଲା ଏ ସହରରେ
ଓଦା ମଖମଲି ଅନୁଭୂତି
ଉଦାସ ଶୀତକୁ ବିଦାୟ କହି
ବସନ୍ତର ବାର୍ତ୍ତାବହ
ତାଜା ଲାଲ୍, ଶିମିଳି ଫୁଲ

ଘଞ୍ଚ ଦେବଦାରୁର ଭିଡ଼ରେ
ଯେମିତି କୁଣ୍ଠିତ ଶରଣାର୍ଥୀ
ନିଜ ବୃନ୍ତରୁ ଅଲଗା ହୋଇ
ରାସ୍ତାରେ ଇତସ୍ତତଃ ବିକ୍ଷିପ୍ତ
ଏକୁଟିଆ, କିନ୍ତୁ ଆନନ୍ଦିତ
ଶିମିଳି ଫୁଲ

ମୋ' ସ୍ମୃତିରେ ଭିଜା
ବସନ୍ତର ବାହକ
ତାଜା ଲାଲ୍, ଶିମିଳି ଫୁଲ।

– ସଂଚାରମାର୍ଗ, ଢେଙ୍କାନାଳ –୧

# ସ୍ପର୍ଶ

## ଅୟସ୍‌କାନ୍ତ

ଫୁଲ ତ ମିଳେନା ଏଠି
କଣ୍ଟା ସାଥେ ଦୋସ୍ତି ମୁଁ କଲି
ଜୀବନେ ହାରିଲି ଯଦି
ମୃତ୍ୟୁ ସାଥେ ମିତ ମୁଁ ବସିଲି
ସୂର୍ଯ୍ୟ ତ ପାରେନା ସହି, ଉଦୟ ମୋ'
ଦୁନିଆ ମୋ' ପଶ୍ଚିମା ପଶ୍ଚିମା
ପ୍ରେମରେ ବିଫଳ ଯଦି
ଶବ୍ଦର ମୁଁ ସହଯାତ୍ରୀ,
କବିତାର ଅଙ୍କେ ଶୋଇଗଲି।

–ବନଦୁର୍ଗା ମନ୍ଦିର ନିକଟ, ସୁନ୍ଦରଗଡ଼

ଗୀତି–କବିତା

# ସବୁ ତ ଗଲିଣି ଭୁଲି

## ଅମ୍ରିତା ପୌଦାର

ତୁମେ ଚାଲିଗଲେ ଭାବିଥିଲି, ଝୁରି
ତୁମକୁ ମୁଁ ଯିବି ମରି
ମନ ମନ୍ଦିରରୁ ଚାଲିଗଲ, ପ୍ରିୟ
ମୁଁ ବି ଗଲି ପାସୋରି।।

ଲେଖିଥିଲି କେତେ କବିତା ମୁଁ ଦିନେ
ସବୁ ତ ଗଲିଣି ଭୁଲି
ପାଉଁଶ ଭିତରୁ ମନେପଡ଼, ମୋତେ
କବି କରିଥିଲ ବୋଲି ।।

ଗୋଲାପୀ ରଙ୍ଗକୁ ଭଲ ପାଅ ବୋଲି
ଗୋଲାପେ ରଙ୍ଗେଇ ହେଲି
ଲୁହ ଢାଳିଥିଲ ଦୁଇଧାର ବୋଲି
ତାକୁ ବି ନିଜର କଲି।।

ଦୀପ ଜଳୁଥିଲା ସ୍ମୃତି ଜଳୁଥିଲା
ଆମେ ଜଳୁଥିଲେ ନିତି
ଦୀପ ଲିଭିଗଲା ଅନ୍ଧାର ହୋଇଲା
କ୍ଷଣପ୍ରଭ କି ପୀରତି!!

– ଗୋପୀନାଥ ପାଟଣା, ନିମାପଡ଼ା, ପୁରୀ



# ମୋର ପ୍ରଥମ କବିତା ଥିଲା ଏକ ହିନ୍ଦୀ କବିତା



ସିପୁନୁ ଜେନା




ସିପୁନୁ ଜେନାଙ୍କ ଜନ୍ମ ୧୯୮୯ ମସିହା ଜୁନ୍ ୫ ତାରିଖରେ, ଢେଙ୍କାନାଳ ଜିଲା ମେରାମଣ୍ଡଳୀର ତର୍କାବେଡ଼ା ଗାଁରେ। ଓଡ଼ିଶା ତଥା ଓଡ଼ିଶା ବାହାରର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ନିୟମିତ କବିତା ଲେଖୁଥିବା ସିପୁନୁଙ୍କର ପ୍ରକାଶିତ କବିତା ସଂକଳନ 'ଭଉଁରି' (୨୦୧୭) ଓ 'ଧୂମାର୍ତ୍ତ ଏ ଭୂଇଁରେ' (୨୦୧୮)। କବିତା ରଚନାରେ ନିଆରାପଣ ପାଇଁ ତାଙ୍କୁ ମିଳିଛି 'ଭଗୀରଥ ଯୁବ ପ୍ରତିଭା ସମ୍ମାନ' ଓ 'କବିଭୂଷଣ ସ୍ମୃତି ସଂସଦ ସମ୍ମାନ' ୨୦୧୨ରେ। ୨୦୧୫ରେ 'କାଦମ୍ବିନୀ'ର ପ୍ରିୟପାଠକ ସମ୍ବର୍ଦ୍ଧନା ଓ ୨୦୧୭ରେ 'କବି ନାରାୟଣ ମୁଦୁଲି ଫାଉଣ୍ଡେଶନ୍, କଟକ'ର ସାରସ୍ୱତ ସମ୍ମାନ।

କାଗଜ ପୃଷ୍ଠାରେ ଲିପିବଦ୍ଧ ଅକ୍ଷର ପ୍ରତି ଦୁର୍ବଳତା ପିଲାଦିନୁ। କୌଣସି ଲେଖକଙ୍କ ନାଁ ସାହିତ୍ୟ ବହିରେ ଦେଖିଲେ ଅନେକ କଥା ଭାବେ। ସତରେ ସେମାନେ କେତେ ବିଚକ୍ଷଣ ପ୍ରତିଭାଧର ଥିଲେ! ଏତେ ସୁନ୍ଦର ଗପ, କବିତା ଲେଖି ପାରୁଥିଲେ। ସେଇ ଛପା ଅକ୍ଷର ବୋଧେ ସବୁବେଳେ ମନକୁ ବ୍ୟାକୁଳିତ କରିଚାଲିଥିଲା। କେମିତି କେଜାଣି କୋଉ ମୋଡ଼ରେ କବିତା ପ୍ରତି ମୋର ଦୁର୍ବଳତା ଆସି ଯାଇଥିଲା।


ଅନେକ ସମୟରେ ଅନେକ ଗାରେଇଛି, ହେଲେ କେବେ ପ୍ରକାଶ ପାଇଁ ଦେଇ ନ ଥିଲି। ଥରେ ହିନ୍ଦୀ କବିତାଟିଏ ଦୈନିକ ହିନ୍ଦୀ ଖବରକାଗଜ 'ପ୍ରଭାତ୍ ଖବର'କୁ ପଠେଇ ଦେଇଥିଲି। କିନ୍ତୁ ପ୍ରକାଶ ପାଇବ ବୋଲି ମୋର ଆଶା ନ ଥିଲା। ତଥାପି ପ୍ରତି ସଂଖ୍ୟା ପଢ଼ିବାକୁ ଆଣୁଥିଲି। ହଠାତ୍ ସେଦିନ ଆଶ୍ଚର୍ଯ୍ୟ ହେଇ ଯାଇଥିଲି। ୨୦୧୭ ଅକ୍ଟୋବର ୬ ତାରିଖ ସଂଖ୍ୟାକୁ ଯେବେ ଲେଉଟାଇଲି, ମୋ' କବିତା 'ମମତା କୀ ସାଗର୍' ପ୍ରକାଶ ପାଇଥିବାର ଦେଖି ଖୁସିର ସୀମା ରହିଲା ନାହିଁ। ଛାତିରେ କେମିତି ଏକ କମ୍ପନ ସୃଷ୍ଟି ହେଲା। ଏକା ରାହାରେ ଦେହଟା ଥରି ଉଠିଲା। ନିଜ ମନର ଭାବନାକୁ ବ୍ୟକ୍ତ କରିବାକୁ ଭାଷା ନ ଥିଲା। ସିଧା ଖବରକାଗଜଟିକୁ ନେଇ ଦୌଡ଼ିଲି ଆପଣା ଲୋକଙ୍କୁ ଦେଖାଇବାକୁ।

ସେଦିନ ରାତି ଅନେକଯାଏଁ ବାରମ୍ବାର ପୃଷ୍ଠାଟିକୁ ଛୁଉଁଥାଏ, ଆଉ ମୋ' କବିତା, କବିତାରେ ଥିବା ମୋ' ନାଁ ଓ ଠିକଣାକୁ ବାରମ୍ବାର ପଢୁଥାଏ। ଯେମିତି ଠିକଣାଟା ଭୁଲି ଯାଇଥିଲି, ପୁଣି ଥରେ ଅଭ୍ୟାସ କରୁଛି– ଲାଗୁଥାଏ ସେମିତି। ମୋ' କବିତା ଏବେ ବିଭିନ୍ନ ପତ୍ରପତ୍ରିକାରେ ନିୟମିତ ପ୍ରକାଶ ପାଉଛି। କିନ୍ତୁ ସେଇ ପ୍ରଥମ କବିତାଟି ଆଜି ମଧ୍ୟ ମୋ' ସ୍ମୃତିର ତାଜା ଝଲକ ହେଇ ରହିଛି। ସେ ଦିନର ସେଇ ନିଆରା ଅନୁଭୂତି ସବୁବେଳେ ମନକୁ ଆନ୍ଦୋଳିତ କରୁଛି। ଆଉ ଟିକେ ଆଗେଇବା ପାଇଁ ପ୍ରେରଣା ଦେଉଛି।

# ପୁସ୍ତକ ପରିଚୟ




## ପୂଜା-ପତ୍ରିକା: ୨୦୧୮



### ସାବିତ୍ରୀ

**ସମ୍ପାଦିକା: ଡ. ଅର୍ଚ୍ଚନା ନାୟକ**

**ଶହୀଦ ନଗର, ଭୁବନେଶ୍ୱର, ମୂଲ୍ୟ: ଟ. ୮୦/–**

ପ୍ରକାଶ ପାଇଛି 'ସାବିତ୍ରୀ'ର ପୂଜା ସଂଖ୍ୟା। ପତ୍ରିକାର ପ୍ରତିଷ୍ଠାତା ଚନ୍ଦ୍ରିକା ମହାପାତ୍ରଙ୍କ ଅବର୍ତ୍ତମାନରେ ପ୍ରକାଶିତ ଏହା ହେଉଛି ପ୍ରଥମ ପୂଜା ସଂଖ୍ୟା। ତାଙ୍କ ଉପରେ ଏକ ଆବେଗଉଚ୍ଛଳ 'ଶ୍ରଦ୍ଧାଞ୍ଜଳି' ଲେଖିଛନ୍ତି ପତ୍ରିକାର ସମ୍ପାଦିକା ଡ. ନାୟକ। ସ୍ମରଣୀୟ ସୃଷ୍ଟି, ପୁରାତନ ଶ୍ରୁତି–ନୂତନ ଦୃଷ୍ଟି, ପ୍ରବନ୍ଧ, ଗଳ୍ପ, କବିତା, ଅନୁବାଦ ଓ ଗୀତି–କବିତା ସାଙ୍ଗକୁ ରହିଛି ତିନୋଟି ପୁସ୍ତକ ସମୀକ୍ଷା। ମନୋଜ ଦାସ, ମହାପାତ୍ର ନୀଳମଣି ସାହୁ, ବେଣୁଧର ରାଉତ, ନିତ୍ୟାନନ୍ଦ ଶତପଥୀ, ପ୍ରତିଭା ରାୟ, ସୁଲୋଚନା ଦାସ, ରମାକାନ୍ତ ରଥ, ପ୍ରତିଭା ଶତପଥୀ ଓ ହୃଷୀକେଶ ମଲ୍ଲିକ ପ୍ରମୁଖ ବହୁ ବିଶିଷ୍ଟ ଲେଖକଙ୍କ ରଚନାରେ ସମୃଦ୍ଧ ପତ୍ରିକାଟି।

### ଶୋଭନା

**ସମ୍ପାଦକ: ବିଧୁଭୂଷଣ ପଟ୍ଟନାୟକ**

**ୟୁନିଟ୍–୯, ଭୁବନେଶ୍ୱର, ମୂଲ୍ୟ: ଟ. ୪୦/–**

'ଶୋଭନା'ର 'ଉତ୍ସବ ବିଶେଷ'ରେ ସ୍ଥାନିତ ହୋଇଛି ୪୮ଟି କ୍ଷୁଦ୍ରଗଳ୍ପ। ଗଳ୍ପକାରଙ୍କ ମଧ୍ୟରେ ରହିଛନ୍ତି ବନଜ ଦେବୀ, ସଦାନନ୍ଦ ତ୍ରିପାଠୀ, ଭୀମ ପୃଷ୍ଟି, ପରେଶ ପଟ୍ଟନାୟକ, ସରୋଜିନୀ ସାହୁ, ଅରବିନ୍ଦ ରାୟ, ଅଜୟ ସ୍ୱାଇଁ, କ୍ଷୀରୋଦ ଦାସ, ଗିରୀଶ ସାହୁ, ରମେଶ ପଟ୍ଟନାୟକ, ମମତାମୟୀ ଚୌଧୁରୀ, ହିରଣ୍ମୟୀ ମିଶ୍ର, ଚିରଶ୍ରୀ ଇନ୍ଦ୍ରସିଂ, ମୃଣାଳ, ଅମରେଶ ବିଶ୍ୱାଳ, ମୋନାଲିସା ମିଶ୍ର, ସୁନୀଲ ବୋଷ, କିଶୋର ଆକାଶ୍ ଓ ସୁନୀତି ଦେବୀ ପ୍ରମୁଖ।

### ଅର୍ପିତା

**ସମ୍ପାଦକ: ସୁବାସ ଷଡ଼ଙ୍ଗୀ**

**ଖାରବେଳ ନଗର, ଭୁବନେଶ୍ୱର, ମୂଲ୍ୟ: ଟ. ୮୦/–**

'ସ୍ମରଣୀୟ ଗଳ୍ପ'ରେ ଅଛନ୍ତି ମନୋଜ ଦାସ, ଜୀବନାଲେଖ୍ୟରେ ଅଧ୍ୟାପକ ବିଶ୍ୱରଞ୍ଜନ। ଗଳ୍ପ, ଅନୁବାଦ ଗଳ୍ପ, କବିତା ଓ ପୁସ୍ତକ ସମୀକ୍ଷାରେ ସମୃଦ୍ଧ ଏହି ପତ୍ରିକାଟିରେ ନୃସିଂହ ତ୍ରିପାଠୀ, ଇନ୍ଦିରା ଦାଶ, ବଙ୍ଗାଳୀ ନନ୍ଦ, ପ୍ରଶାନ୍ତ କୁମାର ମହାନ୍ତି, ଅଜିତ୍ ଦାଶ ମହାପାତ୍ର, ରବୀନ୍ଦ୍ର ନାଥ ଦାସ, ଇପ୍‌ସିତା ଷଡ଼ଙ୍ଗୀ, ତପନ ପଟ୍ଟନାୟକ, ଲିପିକା ଦାସ, ଶରତ ଦାଶ ଓ ସୋମନାଥ ବିଷୋୟୀ ପ୍ରମୁଖ ପ୍ରବୀଣ ଓ ନୂତନ ଲେଖିକାଲେଖକମାନେ ସ୍ଥାନିତ।

### ଅତଏବ ଅ

**ସମ୍ପାଦକ: ବିଜୟ ଦାସ**

**ପୋଖରୀପୁଟ, ଭୁବନେଶ୍ୱର, ମୂଲ୍ୟ: ଟ. ୮୦/–**

ସମ୍ପାଦନା ବାଗଟି ନିଆରା। ଉମାପଦ ବୋଷ, ମନୋଜ ମହାପାତ୍ର, ଦିବ୍ୟସିଂହ ଦାସ ଅଧିକାରୀ, ନିଖିଳାନନ୍ଦ ପାଣିଗ୍ରାହୀ, ଅବନୀ ପ୍ରଧାନ, ଶ୍ରୀହରି ଧଳ, ଚକ୍ରପାଣି ପରିଚ୍ଛା, ଶରତ ଚନ୍ଦ୍ର ରଥ, ରକ୍ଷକ ନାୟକ, ମାନମୟୀ ଓ ପବିତ୍ରମୋହନ ଦାଶଙ୍କ ଲେଖାରେ ପତ୍ରିକାଟି ସୁବିନ୍ୟସ୍ତ। ସ୍ଥାନ ପାଇଛି ହୃଷୀକେଶ ମଲ୍ଲିକଙ୍କ ସହ ଏକ ଭିନ୍ନଧର୍ମୀ ସାକ୍ଷାତ୍କାର।

### ପୁନଶ୍ଚ ଉତ୍କଳପ୍ରଭା

**ସମ୍ପାଦିକା: ଡ. କବିତା ବାରିକ**

**ବାରିପଦା, ମୟୂରଭଞ୍ଜ, ମୂଲ୍ୟ: ଟ. ୧୦୦/–**

ପ୍ରଚ୍ଛଦରେ ଚନ୍ଦ୍ରଶେଖର ରଥଙ୍କର ଉଦ୍ଧୃତି ''ଲେଖକ ଜୀବନରେ ଫୁଲ ଫୁଟିବାର ଋତୁ ଥରେ ଆସେ'' ପାଠକକୁ ଆନମନା କରେ। ପ୍ରବନ୍ଧରେ ଡ. ଅରବିନ୍ଦ ଗିରି, ଡ. ଭାଗ୍ୟଲିପି ମଲ୍ଲ, ଧାରାବାହିକରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶ୍ୱ ସାହିତ୍ୟରେ ରସ୍କିନ୍ ବଣ୍ଡ୍, ଗଳ୍ପରେ ରଶ୍ମି ରାଉଳ, ଅଭିବ୍ୟକ୍ତିରେ ମମତା ଦାଶ, କବିତାରେ ରମାକାନ୍ତ ରଥ, ଫନୀ ମହାନ୍ତି, ପୀତାମ୍ବର ତରାଇ, ସଦାଶିବ ଦାଶ ଓ ଗିରିଜା କୁମାର ବଳିୟାରସିଂ ସ୍ଥାନିତ।

### ପଞ୍ଚବଟୀ

**ସମ୍ପାଦକ: ସୁଶାନ୍ତ କୁମାର ନାୟକ**

**ପଞ୍ଚବଟୀ ନଗର, ରାୟଗଡ଼, ମୂଲ୍ୟ: ଟ. ୮୦/–**

ପ୍ରଚ୍ଛଦରେ ଶାଢ଼ି କାନି ଓ ତହିଁରେ ଲୋକକଳାର ଦେବୀ ମୂର୍ତ୍ତି ନୂଆ ପ୍ରୟାସର ସୂଚନା ଦିଏ। କାହାଣୀରେ ଗୌରହରି ଦାସ, ରମେଶ ଚନ୍ଦ୍ର ବିଶ୍ୱାଳ, ବୈଜୟନ୍ତୀ ମିଶ୍ର, ରୁମ୍‌ଝୁମ୍ ନାୟକ, ତରୁଣ କୁମାର ସାହୁ, କ୍ଷେତ୍ରବାସୀ ନାୟକ ଓ ସୀମାଞ୍ଚଳ ଦାଶ ; କବିତାରେ ହରିହର ମିଶ୍ର, ନୀଳାଦ୍ରି ଭୂଷଣ ହରିଚନ୍ଦନ, ଅଶ୍ୱିନୀ କୁମାର ମିଶ୍ର, ପ୍ରଭାକର ଶତପଥୀ, ନୀଳମଣି ପରିଡ଼ା ଓ ବୈକୁଣ୍ଠନାଥ ସାହୁ ; ବ୍ୟଙ୍ଗ କବିତାରେ ଡ. କୁଳାଙ୍ଗାର ; ଉପନ୍ୟାସରେ ବିଭୂତି ପଟ୍ଟନାୟକ ; ଅନ୍ତରଙ୍ଗ ଆଳାପରେ ଡ. ହୁସେନ୍ ରବିଗାନ୍ଧୀ ; ପ୍ରବନ୍ଧରେ ଡ. ବିଜୟାନନ୍ଦ ସିଂହଙ୍କ ଲେଖା ସ୍ଥାନିତ।

### ଚିରସମର୍ଥା

**ସମ୍ପାଦକ: ଶଙ୍କର୍ଷଣ ପଣ୍ଡା**

**ରବିଟକିଜ୍ ରୋଡ୍, ଭୁବନେଶ୍ୱର, ମୂଲ୍ୟ: ଟ. ୭୦/–**

ପ୍ରବନ୍ଧରେ ଶକୁନ୍ତଳା ବଳିୟାରସିଂ ; ଗଳ୍ପରେ ଜୟନ୍ତୀ ରଥ, କାଳିନ୍ଦୀ ଚରଣ ଭଞ୍ଜ ; କବିତାରେ ବିଦ୍ୟୁତ୍‌ପ୍ରଭା ଗନ୍ତାୟତ, କୁମୁଦ ଚନ୍ଦ୍ର ଦାଶ ଓ ଗୀତି କବିତାରେ ବିମଳ ଜେନା, ମନୋରଞ୍ଜନ ମହାପାତ୍ର ସ୍ଥାନିତ।

### ଶିଳାଶ୍ରୀ

**ସମ୍ପାଦିକା: ବାସନ୍ତୀ ଦାସ**

**ଭୀମଟାଙ୍ଗୀ, ଭୁବନେଶ୍ୱର, ମୂଲ୍ୟ: ଟ. ୧୦୦/–**

ଗଳ୍ପ, କବିତା, ପ୍ରବନ୍ଧ ଓ ପୁସ୍ତକ ସମୀକ୍ଷା ପ୍ରଭୃତି ବିଭାଗରେ ବହୁ ପ୍ରବୀଣ ଓ ନୂତନ ଲେଖିକାଲେଖକ ସ୍ଥାନିତ। ଯଥା: ରତ୍ନପ୍ରଭା ବାଇ, ପଲ୍ଲବୀ ନାୟକ, ହରପ୍ରସାଦ ମହାପାତ୍ର, ଗିରିଜା ମଞ୍ଜରୀ ପାଢ଼ୀ, ଦେବେନ୍ଦ୍ର ନାଥ ଦାଶ, ବିଜୟ ଦାସ ପ୍ରମୁଖ। ରାଜହଂସର ଗ୍ରୀବା ଓ ନଈପଠାର କାଶତଣ୍ଡୀକୁ ନେଇ ପ୍ରଚ୍ଛଦ।

### ସୃଜନ ସ୍ୱପ୍ନ

**ସମ୍ପାଦିକା: ଦେବଶ୍ରୀ ଧଳ**

**ଜିଜିପି କଲୋନୀ, ଭୁବନେଶ୍ୱର, ମୂଲ୍ୟ: ଟ. ୬୦/–**

ସ୍ଥାନ ପାଇଛି ପରକୀୟା ପ୍ରୀତିକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟ ଆଧାରରେ ପ୍ରସ୍ତୁତ ସମ୍ପାଦକୀୟ। କବିତା, ଗଳ୍ପ, ଗୀତି–କବିତା, ଅନୁବାଦ, ପୁସ୍ତକ ସମୀକ୍ଷା ଓ ପୁରାଣ–ଦର୍ଶନ ଆଦି ବିଭାଗରେ ପତ୍ରିକାଟି ସଜ୍ଜିତ। ପ୍ରଚ୍ଛଦରେ ଓଡ଼ିଶୀ ନୃତ୍ୟର ଆକର୍ଷଣୀୟ ମୁଦ୍ରା।

### ଅପୂର୍ବା

**ସମ୍ପାଦକ: କ୍ଷୀରୋଦ ଚନ୍ଦ୍ର ପତି**

**ଖାରବେଳ ନଗର, ଭୁବନେଶ୍ୱର, ମୂଲ୍ୟ: ଟ. ୫୫/–**

ପ୍ରଚ୍ଛଦରେ ନୂତନତା। ଗଳ୍ପ, ପ୍ରବନ୍ଧ, କବିତା ଓ ଭ୍ରମଣାଲେଖ୍ୟରେ ଅଛନ୍ତି ଆନନ୍ଦ ଚନ୍ଦ୍ର ପହି, ବିରଜା ରାଉତରାୟ, ମଣୀନ୍ଦ୍ର କୁମାର ମେହେର, ଡ. ନୃସିଂହ ଷଡ଼ଙ୍ଗୀ, ସୀତାକାନ୍ତ ମହାପାତ୍ର, ପ୍ରତିଭା ଶତପଥୀ, ବଂଶୀଧର ଷଡ଼ଙ୍ଗୀ, ଆଶୁତୋଷ ପରିଡ଼ା, ହୃଷୀକେଶ ମଲ୍ଲିକ, ରତ୍ନାକର ରାଉତ, ପ୍ରସନ୍ନ କୁମାର ମହାନ୍ତି ଓ ଧନଞ୍ଜୟ ସ୍ୱାଇଁ।

### ତୀର ତରଙ୍ଗ

**ସମ୍ପାଦିକା: ବନ୍ଦନା ମିଶ୍ର**

**ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର, ମୂଲ୍ୟ: ଟ. ୭୫/–**

ପ୍ରଚ୍ଛଦରେ କଳସ ଓ ହୋମାଗ୍ନି–ରୁଚିଗତ ନୂତନତାର ପରିଚୟ ଦିଏ। ଗଳ୍ପ, ଫିଚର୍, କବିତା, ସ୍ମରଣୀୟ ଗପ, ଅନୁବାଦ, ଉପଚାର ଓ ସାମ୍ପ୍ରତିକୀ ଆଦି ବିଭାଗରେ ଅମରେଶ ବିଶ୍ୱାଳ, ଅମିୟ ପାଣ୍ଡବ, କ୍ଷେତ୍ରବାସୀ ନାଏକ, ରାଜେନ୍ଦ୍ର ରାଉଳ, ବାଦଲ ମହାନ୍ତି, ସ୍ୱାଗତିକା ସ୍ୱାଇଁ, ଅଚ୍ୟୁତାନନ୍ଦ ପତି, ଶାନ୍ତନୁ କୁମାର ଆଚାର୍ଯ୍ୟ, କମଳ କୁମାର ମହାନ୍ତି ଓ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖଙ୍କ ଲେଖା ସ୍ଥାନିତ।

### ଦିଗ୍‌ବଳୟ

**ସମ୍ପାଦକ: ଅଜୟ କେତନ ମହାନ୍ତି**

**ରସୁଲଗଡ଼, ଭୁବନେଶ୍ୱର, ମୂଲ୍ୟ: ଟ.୮୦/–**

ଜଗନ୍ନାଥାୟନ, ଧର୍ମ ଓ ସଂସ୍କୃତି, ଚିନ୍ତା ଓ ଚେତନା, କବିତାୟନ, ଉପନ୍ୟାସ, ଗଳ୍ପ, ମୂର୍ଚ୍ଛନା, ହାସ୍ୟ ରଚନା ତଥା ଅନ୍ୟାନ୍ୟ ନିୟମିତ ବିଭାଗରେ ସମୃଦ୍ଧ।